୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

पर्यवेक्षक

Vol.27 . No.10 Bhubaneswar Thursday Feburary 13 2025 ୨୭ତମ ବର୍ଷ ସଂଖ୍ୟା-୧୦ ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୩, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## କେବେ ସୁଧୁରିବ ରାଜ୍ୟରେ କଂଗ୍ରେସର ସ୍ଥିତି: ସଫଳ ହେବେ ଭକ୍ତ ନା ଭୋଗିବେ ଶରତଙ୍କ ଦଶା



ଭୁବନେଶ୍ୱର,୧୨।୨(ପି.ଏନ): ରାଜ୍ୟରେ ପ୍ରାୟ ସାଢ଼େ ୬ମାସ ଧରି ଦିଶାହୀନ ଓ ନେତୃତ୍ୱବିହୀନ ହୋଇପଡିଥିବା ପ୍ରଦେଶ କଂଗ୍ରେସକୁ ନିଜର ନେତା ମିଳିଛି । ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ଦଳର ବରିଷ୍ଠ ନେତା ଭକ୍ତଚରଣ ଦାସଙ୍କୁ ଓଡିଶାରେ ସଂଗଠନର ନେତୃତ୍ୱ ନେବା ପାଇଁ ପିସିସି ସଭାପତି ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ତେବେ ଦୀର୍ଘ ୨୫ବର୍ଷ ଧରି ରାଜ୍ୟରେ କ୍ଷମତାରୁ ଦୂରେଇ ରହିଥିବା କଂଗ୍ରେସର ଦଶା ଓ ଦିଶାକୁ ସୁଧାରିବାରେ ଭକ୍ତଙ୍କ ନେତୃତ୍ୱ ସଫଳ ହେବ ନା ତାଙ୍କୁ ବି ଦଳର ପୂର୍ବସୂରୀମାନଙ୍କ ଭଳି ଦଶା ଭୋଗିବାକୁ ପଡିବ, ତାକୁ ନେଇ ଏବେଠୁ କଂଗ୍ରେସ ମହଲରେ ନାନାଦି ଚର୍ଚ୍ଚା ଆରମ୍ଭ ହୋଇଛି ।ସୂଚନା ଅନୁସାରେ, ସାଧାରଣ ନିର୍ବାଚନରେ ଦଳର ଖରାପ ପ୍ରଦର୍ଶନ ଓ ନେତାମାନଙ୍କ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ ଆସିବା ପରେ ୨୦୨୪ ଜୁଲାଇ ୨୪ତାରିଖରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିକୁ ତତ୍କାଳ ପ୍ରଭାବରୁ ଏଆଇସିସି ଭାଙ୍ଗି ଦେଇଥିଲା । ସେବେଠୁ ରାଜ୍ୟରେ ଦଳର ନେତୃତ୍ୱ କିଏ ନେବ ତାକୁ ନେଇ ଅଙ୍କକଷା ଓ ଲବି ଜୋର ଧରିଥିବାବେଳେ ମହମ୍ମଦ ମୋକିମ୍ , ଶ୍ରୀକାନ୍ତ ଜେନା ,ପ୍ରସାଦ ହରିଚନ୍ଦନ , ଜୟଦେବ ଜେନା ଓ ନବଜ୍ୟୋତି ପଟ୍ଟନାୟକ ପ୍ରମୁଖଙ୍କ ନାଁ ଚର୍ଚ୍ଚାରେ ରହିଥିଲା

ଭକ୍ତଙ୍କ ଲକ୍ଷ୍ୟ ୨୦୨୭ ପଂଚାୟତ ନିର୍ବାଚନରେ କଂଗ୍ରେସକୁ ସଫଳ କରିବା

ଏସବୁ ଚର୍ଚ୍ଚା ଓ ଆକଳନକୁ ଭୁଲ୍ ପ୍ରମାଣିତ କରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଚଳିତ ବିଧାନସଭା ନିର୍ବାଚନରେ ନର୍ଲା ଆସନରୁ ପରାଜିତ ପ୍ରାର୍ଥୀ ଭକ୍ତଚରଣ ଦାସଙ୍କୁ ପିସିସି ସଭାପତି ଭାବେ ନିଯୁକ୍ତି ମିଳିଛି । ସେ ଦଳର ସମସ୍ତ ନେତା ଓ କର୍ମୀଙ୍କୁ ଏକାଠି ସାଙ୍ଗରେ ନେଇ କାମ କରିବେ ବୋଲି କହିବା ସହ ରାଜ୍ୟରେ କଂଗ୍ରେସ ସଂଗଠନକୁ ସୁଦୃ? କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । ୨୦୨୭ ପଂଚାୟତ ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରାଯିବ । ଯଦି ଆଶାନୁରୂପ ସଫଳତା ନମିଳେ ସେ ନିଜଆଡୁ ପିସିସି ସଭାପତି ପଦରୁ ଓହରିଯିବେ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି । ୨୦୨୯ ନିର୍ବାଚନରେ ଓଡିଶାରେ କଂଗ୍ରେସ ନିଶ୍ଚିତ ଭଲ ପ୍ରଦର୍ଶନ କରିବ । ଦଳର ହାଇକମାଣ୍ଡ ତାଙ୍କର ସାଂଗଠନିକ ଦକ୍ଷତା ଓ ଅଭିଜ୍ଞତାକୁ ଦେଖି ତାଙ୍କ ଉପରେ ଭରସା କରିଥିବାରୁ ସେ ଏଆଇସିସି ଅଧ୍ୟକ୍ଷ ଓ ଗାନ୍ଧି ପରିବାର ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଭକ୍ତ ହେଲେ କାହିଁକି ଓ କ'ଣ ରହିଛି ଚ୍ୟାଲେଞ୍ଜ

ପଶ୍ଚିମଓଡିଶାର ଜଣେ ଟାଣୁଆ ନେତା ଭାବେ ଭକ୍ତ ଦାସ ପରିଚିତ । ବିଭିନ୍ନ ଜନଆନ୍ଦୋଳନ ସହ ଜଡିତ ଭକ୍ତ ମଧ୍ୟ କଂଗ୍ରେସର ଏକ ପରିଚିତ ଚେହେରା । ଦଳ ତାଙ୍କ ଉପରେ ଭରସା କରି ପ୍ରଥମଥର ପାଇଁ ପିସିସି ସଭାପତି ଦାୟିତ୍ୱ ନ୍ୟସ୍ତ କରିଛି । ମାତ୍ର ତୀବ୍ର ଗୋଷ୍ଠୀକନ୍ଦଳ, ବିଶୃଙ୍ଖଳା ଓ ଲଗାମଛଡା ଆଭିମୁଖ୍ୟ ଯୋଗୁ ରାଜ୍ୟରେ କଂଗ୍ରେସର କଳି ଦାଣ୍ଡରେ ପଡି ହାଟରେ ଗଡୁଥିବାବେଳେ ଭକ୍ତ ନିଜର ନେତୃତ୍ୱ ମାଧ୍ୟମରେ ଏସବୁକୁ ପ୍ରଶମିତ କରି ସଂଗଠନକୁ ପୁନଃଜୀବିତ କରିବେ ନା ସେହି ବୁ?ଆଣୀ ସୂତା ମଧ୍ୟରେ ଫସି ରହିଯିବେ ତାହା ସବୁଠୁ ବଡ ପ୍ରଶ୍ନ ପାଲଟିଛି । ପୂର୍ବ ଓ ଉତ୍ତର ଓଡିଶାରେ ନିଜର ନେତୃତ୍ୱକୁ ପ୍ରତିପାଦନ କରି ସବୁ ନେତା-କର୍ମୀମାନଙ୍କୁ ସାଙ୍ଗରେ ନେଇ କଂଗ୍ରେସ ସଂଗଠନକୁ କ୍ରିୟାଶୀଳ କରିବା ନିଶ୍ଚିତ ଭାବେ ଭକ୍ତଙ୍କ ପାଇଁ କାଠିକର ପାଠ ହେବ । ଭକ୍ତଙ୍କୁ ପିସିସି ସଭାପତି ପଦରେ ଅବସ୍ଥାପିତ କରାଯିବା ପଛରେ କର୍ପ ?ାରେଟ୍ ଲବି ରହିଥିବା ଚର୍ଚ୍ଚା ମଧ୍ୟ ଜୋର ଧରିଲାଣି । ରାଜ୍ୟରେ ବିଭିନ୍ନ ଭାଗରେ ବିଭକ୍ତ କଂଗ୍ରେସର ଗୋଟିଏ ଗୋଷ୍ଠୀ ବିଜେଡି ଓ ଅନ୍ୟଗୋଟିଏ ଗୋଷ୍ଠୀ ବିଜେପି ସହ ଭିତରି ଯୋଗସୂତ୍ରରେ ରହିଥିବା ଯୋଗୁ ସାଧାରଣ ନିର୍ବାଚନରେ ଦଳକୁ ଆଖିଦୃଶିଆ ସଫଳତା ମିଳିନଥିଲା । ଭକ୍ତଙ୍କୁ ମଧ୍ୟ ସାଧାରଣ ନିର୍ବାଚନରେ ଦଳର ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଥିଲା କିନ୍ତୁ ସେ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇ ରହିଥିଲେ । ନିଜେ ଓ ତାଙ୍କ ପୁଅ ଜିତିବା ଉପରେ ସେ ଅଧିକ ଗୁରୁତ୍ୱ ଦେଇ ପ୍ରଚାର ଅଭିଯାନରେ ସକ୍ରିୟି ହୋଇପାରିନଥିବା ଜଣାପଡିଛି । ଭକ୍ତଙ୍କ ପୂର୍ବରୁ ସଭାପତି ଦାୟିତ୍ୱ ତୁଲାଇଥିବା ଶରତ ପଟ୍ଟନାୟକଙ୍କୁ ମଧ୍ୟ ଶେଷସମୟରେ ନିନ୍ଦା-ଅପବାଦ ମୁଣ୍ଡାଇ ସଂଗଠନରୁ ଯିବାକୁ ପଡିଥିଲା । ଶରତ ମଧ୍ୟ ଭକ୍ତଙ୍କ ପରି ସବୁ ନେତାଙ୍କୁ ନେଇ କାମ କରିବେ ବୋଲି କହି ଶେଷପର୍ଯ୍ୟନ୍ତ ଚେଷ୍ଟା କରି ମଧ୍ୟ ଏକାଠି କରିପାରିନଥିଲେ । ଏବେ ଭକ୍ତଙ୍କୁ ସଭାପତି ପଦରେ ନିଯୁକ୍ତି ପଛରେ ସେଭଳି ଲବି କାମ କରିଥିବା ଚର୍ଚ୍ଚା ହେଉଥିବାରୁ ସଂଗଠନକୁ କ୍ରିୟାଶୀଳ କରିବା ମାର୍ଗ ଭକ୍ତଙ୍କ ପାଇଁ ସେତେଟା ସହଜ ହୋଇନପାରେ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି ।

ଦଳର ବରିଷ୍ଠ ନେତାମାନଙ୍କ ମତ

ଭକ୍ତଙ୍କ ନିଯୁକ୍ତିକୁ ଦଳୀୟ ଶୃଙ୍ଖଳା ସୌଜନ୍ୟ ଦୃଷ୍ଟିରୁ ଦଳର ବରିଷ୍ଠ ନେତା ଜୟଦେବ ଜେନାଙ୍କଠୁ ଆରମ୍ଭ କରି ଶ୍ରୀକାନ୍ତ ଜେନା,ମହମ୍ମଦ ମୋକିମ, ପ୍ରସାଦ ହରିଚନ୍ଦନ, ସନ୍ତୋଷ ସିଂ ସାଲୁଜା, ଶରତ ପଟ୍ଟନାୟକ ଓ ତାରାପ୍ରସାଦ ବାହିନୀପତି ପ୍ରମୁଖ ସ୍ୱାଗତ କରିଛନ୍ତି ।

ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଏହି ନିଯୁକ୍ତିକୁ ସ୍ୱାଗତ କରିବା ସହ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ " ନିଶ୍ଚିତ ଭାବେ ଏବେ ରାଜ୍ୟରେ ଏକ ପଲଟିକାଲ ସ୍ୱ?ସ୍ ରହିଛି । ଯାହାର ଫାଇଦା କଂଗ୍ରେସ ଉଠାଇବ । ଭକ୍ତ ଦାସଙ୍କ ଭଳି ଅଭିଜ୍ଞ ବ୍ୟକ୍ତିଙ୍କୁ ନେତୃତ୍ୱ ଦାୟିତ୍ୱ ନ୍ୟସ୍ତ ହୋଇଛି ଓ ସେ ସମସ୍ତଙ୍କୁ ସାଙ୍ଗରେ ନେଇ କଂଗ୍ରେସକୁ ପୁର୍ତ୍ତିଶୀଳ କରାଇପାରିବେ । ୨୫ବର୍ଷ ଧରି କ୍ଷମତାରେ ରହିଥିବା ବିଜେଡି ଏବେ ନିଜର ଭାର ନିଜେ ଉଠାଇବା ସ୍ଥିତିରେ ନାହିଁ । ଦଳର ଭୋଟ୍ ଆଧାର ଯଦିଓ ଭଲ ଅଛି କିନ୍ତୁ ପୁଣିଥରେ କ୍ଷମତାକୁ ଫେରିବା ପାଇଁ ଯାହା ଦରକାର ସେଭଳି ବିଜେଡିଠାରେ ଦୃଶ୍ୟମାନ ହେଉନି । ସେହିପରି ବିଜେପିଠୁ ମଧ୍ୟ ରାଜ୍ୟର ଲୋକମାନେ ଖୁବକମ୍ ଦିନ ମଧ୍ୟରେ ମୁହଁ ଫେରାଇବା ଆରମ୍ଭ କରିସାରିଲେଣି । ବିଜେପିଠୁ ମୋହଭଙ୍ଗ ହେଲାଣି । ରାଜ୍ୟରେ ଲୋକେ ଏବେ କଂଗ୍ରେସକୁ ନିଜର ବିକଳ୍ପ ଭାବେ ଦେଖୁଛନ୍ତି । ଟିକେ ନିରେଖି ଦେଖିଲେ ରାଜ୍ୟରେ ରାଜନୀତିକ ବିକଳ୍ପ ମଧ୍ୟ ଆଉ ନାହିଁ । ତେଣୁ କଂଗ୍ରେସର ନେତୃତ୍ୱଙ୍କ ଉପରେ ସଂଗଠନକୁ କ୍ରିୟାଶୀଳ କରି ରାଜ୍ୟ ଓ ସଂଗଠନର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଲୋକଙ୍କ ଆସ୍ଥାଭାଜନ ହେବାର ବଡ ଦାୟିତ୍ୱ ରହିବ ।"

ସେହିପରି ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ, "ଭକ୍ତ ଦାସ ଜଣେ ଫାଇଟର । ନିୟମଗିରି ଆନ୍ଦୋଳନଠୁ ଆରମ୍ଭ କରି ବିଭିନ୍ନ ଜନ ଆନ୍ଦୋଳନ ସହ ସେ ଜଡିତ । ତାଙ୍କର ଦୀର୍ଘ ରାଜନୀତିକ ଅଭିଜ୍ଞତା ରହିଛି । ଛତିଶଗଡରେ ସେ କଂଗ୍ରେସ ଇନଚାର୍ଜ ଥିବାବେଳେ ସେଠାରେ କଂଗ୍ରେସ କ୍ଷମତାକୁ ଆସିଥିଲା । ବିହାରରେ ଇନଚାର୍ଜ ଥିବାବେଳେ ସେଠାରେ ମଧ୍ୟ ଜେଡିୟୁ ଓ ଆରଜେଡି ସହ ମିଶି କଂଗ୍ରେସ ସରକାର କରିଥିଲା । ନିଶ୍ଚିତ ଭାବେ ସେ ସମସ୍ତଙ୍କୁ ନେଇ କଂଗ୍ରେସକୁ ଏକଜୁଟ କରିବା ସହ ଅଧିକ ଆସ୍ଥାଭାଜନ କରାଇପାରିବେ ।"

ପିସିସି ସଭାପତି ଓ ବିରୋଧାଭାସ

ଓଡିଶାରେ ଦୀର୍ଘ ଦଶନ୍ଧି ଧରି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଯିଏବି ରହିଛନ୍ତି ତାଙ୍କୁ ଆରମ୍ଭରୁ ହିଁ ବିରୋଧାଭାସର ସମ୍ମୁଖୀନ ହେବାକୁ ପଡିଛି । ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ପିସିସି ସଭାପତି ଭାବେ ଯଦିଓ ୩ଜଣ ନେତା କାର୍ଯ୍ୟ କରିଛନ୍ତି ଓ ନିଜ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ଚାହିଁଛନ୍ତି ମାତ୍ର ସଂଗଠନ ଓ ନେତାମାନେ ନିଜର ଏଜେଣ୍ଡାକୁ ପ୍ରାଥମିକତା ଦେଉଥିବାରୁ କଂଗ୍ରେସକୁ ଆଶାନୁରୂପ ସଫଳତା ମିଳିପାରିନାହିଁ । ୨୦୧୪ ସାଧାରଣ ନିର୍ବାଚନ ପରେ ବରିଷ୍ଠ ନେତା ପ୍ରସାଦ ହରିଚନ୍ଦନଙ୍କୁ ପିସିସି ସଭାପତି ଦାୟିତ୍ୱ ମିଳିଥିଲା । ୨୦୧୪ ଡିସେମ୍ବରରୁ ପ୍ରାୟ ସା?? ୩ବର୍ଷ ସେ ଦାୟିତ୍ୱ ତୁଲାଇଲେ । ସେ ସଂଗଠନକୁ କ୍ରିୟାଶୀଳ କରି ଆଗେଇ ନେଉଥିବାବେଳେ ପଂଚାୟତ ନିର୍ବାଚନରେ ଦଳର ପ୍ରଦର୍ଶନ ଖରାପ ଦର୍ଶାଇ ତାଙ୍କ ବିରୋଧରେ ସ୍ୱର ଉଠିଲା । ତାଙ୍କୁ ହଟାଇ ୨୦୧୮ ଏପ୍ରିଲରେ ନିରଞ୍ଜନ ପଟ୍ଟନାୟକଙ୍କୁ ପିସିସି ସଭାପତି ଦାୟିତ୍ୱ ନ୍ୟସ୍ତ କରାଗଲା । ତାଙ୍କ ବିରୁଦ୍ଧରେ ତୀବ୍ର ବିରୋଧାଭାସ ଥିବା ସତ୍ତ୍ୱେ ସେ ପ୍ରାୟ ୪ବର୍ଷ ଏହି ଦାୟିତ୍ୱରେ ରହିଲେ । ତାଙ୍କ ପରେ ଶରତ ପଟ୍ଟନାୟକଙ୍କୁ ୨୦୨୨ ମେ'ମାସରେ ପିସିସି ସଭାପତି ଦାୟିତ୍ୱ ମିଳିଲା । ତାଙ୍କ ନେତୃତ୍ୱରେ ଦଳ ସାଧାରଣ ନିର୍ବାଚନ ଲ?ିଲା । କିନ୍ତୁ ନିର୍ବାଚନରେ ଦଳର ଆଖିଦୃଶିଆ ପ୍ରଦର୍ଶନ ନହେବା ଓ ତାଙ୍କ ବିରୁଦ୍ଧରେ ବିଜେଡିଠୁ ଅର୍ଥ ନେଇଥିବାର ଅଭିଯୋଗ ଦଳୀୟସ୍ତରରେ ହେଲା । ଯେଉଁଥିପାଇଁ ତାଙ୍କୁ ଦଳୀୟ ନେତାମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡିଲା । ଶେଷରେ ଏଆଇସିସି ୨୦୨୪ ଜୁଲାଇ ମାସରେ ତାଙ୍କୁ ହଟାଇବା ସହ ପିସିସି କମିଟିକୁ ନିରସ୍ତ କରିଦେଲା ।




## ଟ୍ରାଫିକ୍ ଜାମ୍ ପାଇଁ ଭାରତରେ ଏକ ନୂଆ ରେକର୍ଡ



ଭୁବନେଶ୍ୱର,୧୨।୨(ପି.ଏନ): ଯଦି ଆପଣ ଦିଲ୍ଲୀ, ମୁମ୍ବାଇ କିମ୍ବା ବେଙ୍ଗାଲୁରୁ ଭଳି ବଡ଼ ସହରରେ ରହୁଛନ୍ତି, ତେବେ ଆପଣ ନିଶ୍ଚିତ ଭାବରେ ଟ୍ରାଫିକ୍ ଜାମ୍ ?ର ସମ୍ମୁଖୀନ ହୋଇଥିବେ । କିନ୍ତୁ ଆପଣ କେତେ ସମୟ ପାଇଁ କିମ୍ବା କେତେ ସମୟ ପାଇଁ ଟ୍ରାଫିକ୍ ଜାମ୍ ?ରେ ଫସି ରହିବେ? ଅଧିକାଂଶ ଲୋକଙ୍କ ଉତ୍ତର ହେବ ଦେଢ଼ କିଲୋମିଟର କିମ୍ବା ୨ରୁ ୪ କିଲୋମିଟର। କିନ୍ତୁ, ଯଦି ଆମେ ବିଶ୍ୱର ସବୁଠାରୁ ଲମ୍ବା ଟ୍ରାଫିକ୍ ଜାମ୍ ବିଷୟରେ କଥା ହେବା, ତେବେ ଏଠାରେ ଗାଡ଼ିଗୁଡ଼ିକ ଶହ ଶହ କିଲୋମିଟର ପର୍ଯ୍ୟନ୍ତ ଫସି ରହିଥିଲା। ଭାରତୀୟ ରାଜପଥ ଏବଂ ଜାତୀୟ ରାଜପଥ ଯାନବାହାନରେ ଅନେକ ସମୟରେ ଟ୍ରାଫିକ ଜାମ ହୋଇଥାଏ । ଏବେ ଆମ ଦେଶରେ ଟ୍ରାଫିକ ଜାମର ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି । ସୋସିଆଲ ମିଡିଆରେ ଅନେକ ଭାଇରାଲ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ମହାକୁମ୍ଭ ପାଇଁ ପ୍ରୟାଗରାଜ ଯାଉଥିବା ଟ୍ରେନଗୁଡ଼ିକରେ ଭିଡ ଦେଖିବାକୁ ମିଳୁଛି । କିନ୍ତୁ ଏବେ ରାଜପଥଗୁଡ଼ିକରେ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି । ଯେଉଁଠାରେ ତୀର୍ଥଯାତ୍ରୀମାନେ ମହାକୁମ୍ଭ ପାଇଁ ଯାତ୍ରା କରୁଛନ୍ତି ଏବଂ ଲମ୍ବା ଟ୍ରାଫିକ୍ ଧାଡ଼ିରେ ଫସି ରହିଛନ୍ତି। ବିଶ୍ୱର ସବୁଠାରୁ ଲମ୍ବା ଟ୍ରାଫିକ୍ ଜାମ୍ ବିଷୟରେ କହିବାକୁ ଗଲେ, ଭାରତ ଏହାର ରେକର୍ଡ ସୃଷ୍ଟି କରିଛି ।ପ୍ରକୃତରେ, ଏହି ଜାମ୍ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ୨୦୨୫ ସମୟରେ ଘଟିଛି। ଏହି ଜାମର ମୋଟ ଲମ୍ବ ପ୍ରାୟ ୩୦୦ କିଲୋମିଟର ବୋଲି କୁହାଯାଉଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ପ୍ରୟାଗରାଜରୁ ମଧ୍ୟପ୍ରଦେଶର ରେୱା, ଜବଲପୁର, ସେଓନି, କଟନି ପର୍ଯ୍ୟନ୍ତ ଏକ ବଡ଼ ଟ୍ରାଫିକ୍ ଜାମ୍ ହୋଇଥିଲା। ଗତ ୭୨ ଘଣ୍ଟା ଧରି ଏଠାରେ ଯାନବାହାନ ଧିମେଇ ଚାଲୁଥିଲା । ଏହି ଜାମ୍ ୯ ଫେବୃଆରୀ ୨୦୨୫ରେ ହୋଇଥିଲା ଯେତେବେଳେ ୟୁପିରେ ମହାକୁମ୍ଭ ଯୋଗୁଁ ପ୍ରାୟ ୩୦୦ କିଲୋମିଟର ଲମ୍ବା ଜାମ୍ ହୋଇଥିଲା। ପ୍ରବଳ ଟ୍ରାଫିକ ଜାମ ଯୋଗୁଁ, ମଧ୍ୟପ୍ରଦେଶରୁ ପ୍ରୟାଗରାଜ ଯାଉଥିବା ଶହ ଶହ ଯାନବାହନ ଅଟକି ଯାଇଥିଲା ।ଅତିରିକ୍ତ ଟ୍ରାଫିକ କମିଶନରଙ୍କ ଅନୁଯାୟୀ, ମେଳା ସ୍ଥଳକୁ ବହୁ ସଂଖ୍ୟକ ଯାନବାହନ ପହଞ୍ଚିବାକୁ ଚେଷ୍ଟା କରୁଥିବାରୁ ଏହି ଜାମ୍ ହୋଇଥିଲା।

## ଚଳିତ ବର୍ଷ ଆରଟିଇ ନାମ ଲେଖାରୁ ବଞ୍ଚିତ ହେବେ ହଜାର ହଜାର ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୨।୨(ପି.ଏନ (ବ୍ୟୁରୋ): ଶିକ୍ଷା ଅଧିକାର ଅଧିନିୟମ ୨୦୦୯-୧୦ ଅନୁଯାୟୀ ପ୍ରତ୍ୟେକ ଘରୋଇ ବିଦ୍ୟାଳୟ ତାର ପ୍ରାରମ୍ଭିକ ଶ୍ରେଣୀର ଘୋଷିତ କ୍ଷମତାର ଶତକଡା ୨୫ ଭାଗ ଆସନକୁ ବିକଳାଙ୍ଗ, ସାମାଜିକ ଓ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ ସଂରକ୍ଷିତ ରଖିବାର ପ୍ରାବଧାନ ରହିଆସିଛି ଓ ଆମ ରାଜ୍ୟରେ ସରକାରୀ ମାନ୍ୟତା ପ୍ରାପ୍ତ ୪୨୦୦ ରୁ ଉର୍ଦ୍ଧ୍ୱ ବିଦ୍ୟାଳୟଙ୍କର ସହଯୋଗୀତା ଓ ସହାଭାଗିତାରେ ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ ଏହି ବ୍ୟବସ୍ଥାରେ ଲାଭବାନ ହୋଇଆସୁଛନ୍ତି ଓ ସ୍ୱତନ୍ତ୍ର ବର୍ଗର ଛାତ୍ରଛାତ୍ରୀମାନେ ବିନା କୌଣସି ଦେୟରେ ଘରୋଇ ବିଦ୍ୟାଳୟର ଉତ୍ତମ ପରିସରରେ ଗୁଣାତ୍ମକ ଶିକ୍ଷା, ଉତ୍ତମ ସେବା, ଉତ୍ତମ ସୁରକ୍ଷା ବ୍ୟବସ୍ଥା ସହିତ ସମ୍ପୂର୍ଣ୍ଣ ମାଗଣାରେ ବିଦ୍ୟାଳୟ ପୋଷାକପତ୍ର ଓ ପାଠ୍ୟପୁସ୍ତକ ମଧ୍ୟ ପାଇଥାନ୍ତି ଓ ଏହି ବ୍ୟବସ୍ଥା ସ୍ୱତନ୍ତ୍ର ଶ୍ରେଣୀର ଅଭିଭାବକ ମାନଙ୍କ ମଧ୍ୟରେ ଯଥେଷ୍ଟ ରୁଚି ଓ ଉତ୍କଣ୍ଠା ସୃଷ୍ଟି କରିବା ସହିତ ଆର୍ଥିକ ଓ ସାମାଜିକ ଅନାଗ୍ରସର ଶ୍ରେଣୀର ପିଲାମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହୋଇଛି ଓ କିନ୍ତୁ ଚିନ୍ତା ଓ ପରିତାପର ବିଷୟ ଏହିକି ଯେ ଚଳିତବର୍ଷ ରାଜ୍ୟ ଶିକ୍ଷାବିଭାଗର କିଛି ବରିଷ୍ଠ ଅଧିକାରୀଙ୍କ ସ୍ୱେଚ୍ଛାଚାରିତା ଓ କିଛି ଅନାବଶ୍ୟକ ମାନଦଣ୍ଡ ଯଥା 'ଅଗ୍ନି ନିରାପତ୍ତା ପ୍ରମାଣପତ୍ର' ଓ ୧୦-ବର୍ଷିଆ ଭଡାଗୃହ ପଞ୍ଜିକୃତ ବୁଝାମଣା ପତ୍ର' ଭଳି ଅଯୁକ୍ତିକର ତଥା ଅସମ୍ଭବ ନିୟମାବଳୀକୁ ରାତିଅଧିଆ କଡାକଡି ପ୍ରଣୟନ କରିବାର ଅଭିପ୍ରାୟ ହଜାର ହଜାର ଘରୋଇ ବିଦ୍ୟାଳୟକୁ ସରକାରୀ ସ୍ୱୀକୃତିରୁ ବଞ୍ଚିତ କରିଛି ବା ଏକବର୍ଷିଆ ସର୍ତ୍ତମୂଳକ ସ୍ୱୀକୃତିରେ ସୀମିତ କରିଛି ଓ ଶିକ୍ଷା ବିଭାଗ ଆଗାମୀ ଶିକ୍ଷାବର୍ଷ ପାଇଁ ଜଞ୍ଚର ନାମଲେଖା ବିଗୁଲ ବଜାଇ ସାରିଲାଣି ଓ କିନ୍ତୁ ସରକାରୀ ସ୍ୱୀକୃତିରୁ ବଞ୍ଚିତ ନିର୍ଦ୍ଦିଷ୍ଟ ଅନୁଷ୍ଠାନଗୁଡିକ ଜଞ୍ଚର ନାମଲେଖାପାଇଁ ସେମାନଙ୍କ ବିଦ୍ୟାଳୟ ନାମ ପଞ୍ଜିକରଣ ନକରିପାରିବା ଭଳି ଅହେତୁକ ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛନ୍ତି ଓ ଯାହାର ପ୍ରତିଫଳସ୍ୱରୂପ ଜଞ୍ଚର ସଂରକ୍ଷିତ ଆସନ ଯଥାସମ୍ଭବ କମ ହୋଇଯିବ ଓ ହଜାର ହଜାର ଛାତ୍ରଛାତ୍ରୀ ସେମାନଙ୍କ ମାଗଣା ଶିକ୍ଷା ପ୍ରାପ୍ତି ଅଧିକାରରୁ ବଞ୍ଚିତ ହେବେ ଓ ଅଦ୍ୟାବଧି ଆମ ରାଜ୍ୟରେ ଶତକଡା ୯୫ ଭାଗ ଘରୋଇ ବିଦ୍ୟାଳୟ ଭଡାଘରେ ଚାଲିଆସୁଛି ଓ ଏହା ମଧ୍ୟରୁ ଶତକଡା ୯୮ଭାଗ ବିଦ୍ୟାଳୟ ଙ୍ୟସସ୍ପଷବ ରସକ୍ତର ଏବୟଶରସ୍ପ-୨୦୧୭ ଅନୁଯାୟୀ 'ଅଗ୍ନି ନିରାପତ୍ତା ପ୍ରମାଣପତ୍ର' ପରିସର ଭୁକ୍ତ ନୁହନ୍ତି ବା ଏହି ନିୟମ ସେଭଳି ଅନୁଷ୍ଠାନ ପାଇଁ ଅନାବଶ୍ୟକ ଅଟେ ଓ ଦ୍ୱିତୀୟରେ, ୧୦ ବର୍ଷୀୟା ଭଡାଗୃହ ବୁଝାମଣା ପତ୍ର ପଞ୍ଜୀକରଣ ପାଇଁ କୌଣସି ସଚେତନ ଗୃହମାଲିକ ସମର୍ଥନ କରିବା ସମ୍ଭବପର ନୁହେଁ ଓ ଏ ସନ୍ଦର୍ଭରେ 'ରାଜ୍ୟ ଘରୋଇ ବିଦ୍ୟାଳୟ ମହାସଂଘ-ଇଙଚଝଇ ବାରମ୍ବାର ରାଜ୍ୟ ସରକାର ଓ ଶିକ୍ଷା ବିଭାଗକୁ ଅବଗତ କରିଆସିଛି ଓ ଘରୋଇ ବିଦ୍ୟାଳୟ ପ୍ରତି କୋହଳ ମନୋଭାବ ରଖିବା ଲାଗି ମହାସଂଘ ତରଫରୁ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଛି ଓ ଘରୋଇ ବିଦ୍ୟାଳୟମାନେ ବିନା କୌଣସି ସରକାରୀ ସହାୟତାରେ ଏକନିଷ୍ଠ ଭାବେ ଗୁଣାତ୍ମକ ଶିକ୍ଷାସେବା ପ୍ରଦାନ ସହ ଲକ୍ଷ ଲକ୍ଷ ଯୁବପିଢିଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ଦେଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାର ଗୁରୁଦାୟିତ୍ୱ ବହନ କରନ୍ତି ଓ ଦେଶ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରନ୍ତି, ଏଥିରେ ଅତ୍ୟୁକ୍ତି ନାହିଁ ।

## ସନ୍ଦେହ ଘେରରେ ନବଙ୍କ ପରିବାର, କାହିଁକି ଚାହୁଁନାହାନ୍ତି ନିରପେକ୍ଷ ତଦନ୍ତ



ଭୁବନେଶ୍ୱର,୧୨।୨(ପି.ଏନ): ରାଜ୍ୟର କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କୁ ହତ୍ୟାର ୨ବର୍ଷ ପୁରିଲାଣି । କିନ୍ତୁ ହତ୍ୟା ପଛର ଷଡଯନ୍ତ୍ର ଏପର୍ଯ୍ୟନ୍ତ ପର୍ଦ୍ଦାଫାସ ହୋଇପାରୁନି ? ଅଭିଯୁକ୍ତ ଗୋପାଳ କୃଷ୍ଣ ଦାସ କାହିଁକି ତାଙ୍କୁ ହତ୍ୟା କଲା ସେ ରହସ୍ୟ ମଧ୍ୟ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଂଚ୍ ଭେଦ କରିପାରିନି ? ଗୋପାଳର ବ୍ୟକ୍ତିଗତ ଶତ୍ରୁତା ନବଙ୍କ ସହ ଥିଲା ନା କେହି ଷଡଯନ୍ତ୍ର କରି ଗୋପାଳଙ୍କୁ ମୋହରା କରିଛନ୍ତି ? କାହିଁକି ନବଙ୍କ ପରିବାର ନିରପେକ୍ଷ ତଦନ୍ତ ପାଇଁ ପଛଘୁଂଚା ଦେଉଛି ? ବ୍ୟବସାୟିକ ଓ ରାଜନୀତିକ ସାମ୍ରାଜ୍ୟକୁ ବଂଚାଇ ରଖିବା ପାଇଁ ନବଙ୍କ ପରିବାର ଏଭଳି କରୁଛି ନା ପରିବାର ପ୍ରତି କିଛି ଭୟ ରହିଛି ? ଏଭଳି ନାନାଦି ପ୍ରଶ୍ନ ଏବେ ନବଦାସଙ୍କ ହତ୍ୟାକାଣ୍ଡକୁ ନେଇ ଚର୍ଚ୍ଚା ହେଉଛି ।ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ନବ ଦାସ ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରାଯିବାର ମାର୍ଗ ଉନ୍ମୁକ୍ତ ଅଛି ବୋଲି ଆଇନ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କଠୁ ଆରମ୍ଭ କରି ଦଳର ବରିଷ୍ଠ ବିଧାୟକମାନେ ମଧ୍ୟ ଇସାରା ଦେଲେ । ପରିବାର ସଦସ୍ୟ ଚାହିଁଲେ ମୁଖ୍ୟମନ୍ତ୍ରୀ କିମ୍ବା କୋର୍ଟଙ୍କୁ ଅବଗତ କରି ଏହି ସିବିଆଇ ତଦନ୍ତ କରାଯାଇପାରିବ ବୋଲି କହି ସରକାର ନବ ଦାସ ହତ୍ୟାକାଣ୍ଡ ପଛର ରହସ୍ୟ ଭେଦ ନିମନ୍ତେ ନିଜର ସମ୍ମତି ଜଣାଇଲେ । ଆଉ ନବଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ମଧ୍ୟ ଗଣମାଧ୍ୟମ ସମ୍ମୁଖକୁ ଆସି ତାଙ୍କ ପରିବାର ଲିଖିତ ଭାବେ ସିବିଆଇ ତଦନ୍ତ ନିମନ୍ତେ ଅନୁରୋଧ କରିବ ବୋଲି କହିଲେ । କିନ୍ତୁ ଇତିମଧ୍ୟରେ ମାସେ ବିତିବାକୁ ବସିଲାଣି । ଦୀପାଳି କିମ୍ବା ତାଙ୍କ ପରିବାର ଲିଖିତ ଭାବେ ଏହି ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ପାଇଁ ଆଗ୍ରହ ଦେଖାଇନାହାନ୍ତି । ଓଲଟା କ୍ରାଇମବ୍ରାଂଚ୍ ପୂର୍ବରୁ ଯେଉଁ ତଦନ୍ତ କରିଥିଲା ସେଥିରେ ପରୋକ୍ଷରେ ସମ୍ମତି ଜଣାଇଥିବା ଭଳି ପ୍ରତୀତ ହେଲାଣି ।ବୁଧବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ଯେ, ହତ୍ୟାକାଣ୍ଡର ସିବିଆଇ ତଦନ୍ତ ପାଇଁ ନବ ଦାସଙ୍କ ପରିବାର ପକ୍ଷରୁ କେହିବି ଏବେସୁଦ୍ଧା କୋର୍ଟ କି ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇଲେ ନାହିଁ । ତେଣୁ ତଦନ୍ତର ସ୍କପ ଆଉ ରହିଲା କେଉଁଠି ? ଆମେ ଖାଲି ନାଚିଲେ କ'ଣ ଲାଭ ଅଛି । ତାଙ୍କ ପରିବାର ତ ଚାହୁଁନାହାନ୍ତି ତଦନ୍ତ ହେଉ । ତାଙ୍କ ପରିବାର ଲେଖିକି ଦେଲେ ସ୍କପ୍ ବାହାରନ୍ତା । ତାଙ୍କ ପରିବାର ଯଦି ଲିଖିତ ଭାବେ ତଦନ୍ତରେ ଖୁସିନଥିବା ଜଣାଇବେ ନାହିଁ, ତା'ହେଲେ ସ୍କପ ରହିଲା କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି । ନବ ଦାସ ରାଜ୍ୟର ଜଣେ କ୍ୟାବିନେଟ୍ ମନ୍ତ୍ରୀ ଥିଲେ । ସେହି ଦୃଷ୍ଟିରୁ ତାଙ୍କ ହତ୍ୟାର ରହସ୍ୟ ଉନ୍ମୋଚନ ହେବା କଥା ବୋଲି ଆମେ ବିଚାର କରୁଥିଲୁ । ହତ୍ୟା ପଛରେ କିଏ ଓ କ'ଣ କାରସାଦି ରହିଛି ତାହା ଜଣାପଡିଥାନ୍ତା । ସେସବୁ କଥା ଲୋକେ ଜାଣିବାର ଅଧିକାର ରହିଛି । ତେଣୁ ସିବିଆଇ ତଦନ୍ତ ପାଇଁ ବାରମ୍ବାର ଦାବି କରୁଛି । ବୋଧହୁଏ ନବଦାସଙ୍କ ପରିବାର ନିଜର ବ୍ୟବସାୟିକ ସ୍ୱାର୍ଥ କି ଅନ୍ୟ କ'ଣ ସବୁ ସ୍ୱାର୍ଥ ପାଇଁ ନଚେତ୍ ସେମାନଙ୍କୁ ଭୟଭୀତ କରାଯାଉଥିବାରୁ ଚୁପ୍ ରହିଥାଇପାରନ୍ତି ବୋଲି ଜୟନାରାୟଣ କହିଛନ୍ତି । ନବ ଦାସ କ'ଣ ଥିଲେ ଏବେ ତାହା କହିବା ଠିକ୍ ହେବନି । ସେ ଖରାପ ଦିଗକୁ ଆମେ ଯିବା ନାହିଁ । ଭଲ ଦିଗକୁ ଯାଉଛୁ । ତଦନ୍ତ ହେଲେ ସବୁ ଜଣାପଡିବ । ତଦନ୍ତ ହେଲେ ବଡମୁଣ୍ଡ ବାହାରିବେ ।ସୂଚନାଯୋଗ୍ୟ, ନବ ଦାସ ହତ୍ୟାକାଣ୍ଡର ଉପଯୁକ୍ତ ତଦନ୍ତ ହୋଇନି ବୋଲି ବାରମ୍ବାର ଗଣମାଧ୍ୟମରେ ଚର୍ଚ୍ଚା ଓ ଶାସକ ଦଳର ଅଭିଯୋଗ ପରେ ପୂର୍ବତନ ବିଧାୟିକା ଦୀପାଳି ଦାସ ଗଣମାଧ୍ୟମ ସମ୍ମୁଖକୁ ଆସି ଜାନୁୟାରୀ ୧୯ତାରିଖରେ ଏକ ବୟାନ ଦେଇଥିଲେ । ସିବିଆଇ ତଦନ୍ତ ପାଇଁ ସରକାରଙ୍କୁ ଲିଖିତ ଭାବେ ଅନୁରୋଧ କରିବା ନିମନ୍ତେ ତାଙ୍କ ପରିବାର ମଧ୍ୟରେ ବିଚାରବିମର୍ଶ ଜାରି ରହିଛି ବୋଲି କହିଥିଲେ । ପରେ ଜାନୁୟାରୀ ୨୪ତାରିଖରେ ଆଉଥରେ ଗଣମାଧ୍ୟମକୁ ବୟାନ ଦେଇ କହିଥିଲେ ଯେ, ସପ୍ତାହେ କିମ୍ବା ଦୁଇ ସପ୍ତାହ ମଧ୍ୟରେ ତାଙ୍କ ପରିବାର ଲିଖିତ ଭାବେ ଏନେଇ ସରକାରଙ୍କୁ ଅନୁରୋଧ କରିବ । ମାତ୍ର ଇତିମଧ୍ୟରେ ସେହି ସମୟ ବିତିଯାଇଥିଲେ ମଧ୍ୟ ଦୀପାଳି ଓ ତାଙ୍କ ପରିବାର ନିରବ ରହିଛନ୍ତି । ବୋଧହୁଏ ନବଙ୍କ ବ୍ୟବସାୟିକ ସାମ୍ରାଜ୍ୟକୁ ସୁରକ୍ଷା ପାଇଁ ହେଉ ଅବା ପରିବାରର ସୁରକ୍ଷା ନିମନ୍ତେ ଏହି ହତ୍ୟାର ପ୍ରକୃତ ଦୋଷୀଙ୍କୁ କାଠଗଡାକୁ ଆଣିବା ନିମନ୍ତେ ପରିବାର ଚାହୁଁନଥିବା ଚର୍ଚ୍ଚା ହେଉଛି ।

## ପରୀକ୍ଷା ହବକୁ ଗଲା +୨ ପରୀକ୍ଷା ପ୍ରଶ୍ନପତ୍ର

ଭୁବନେଶ୍ୱର,୧୨।୨(ପି.ଏନ): ପରୀକ୍ଷା ହବକୁ ଗଲା +୨ ପରୀକ୍ଷା ପ୍ରଶ୍ନପତ୍ର। କଡାକଡି ସୁରକ୍ଷାରେ ଏହି ପ୍ରଶ୍ନପତ୍ରକୁ ହବକୁ ପଠାଯାଇଛି। ଦକ୍ଷିଣ ଓ ପଶ୍ଚିମ ଓଡିଶା ଅଧୀନ ହବକୁ ପ୍ରଶ୍ନପତ୍ର ଯାଇଛି। ତେବେ ଚଳିତ ଥର ୨୦୫ଟି ପରୀକ୍ଷା ହବ କରାଯାଇଛି ।ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ ଯୁକ୍ତ ଦୁଇ ପରୀକ୍ଷା। ଏଥିପାଇଁ ସମସ୍ତ ଛାତ୍ରଛାତ୍ରୀ ନିଜର ପ୍ରସ୍ତୁତି ଚଳାଇଛନ୍ତି। କପିକୁ ରୋକିବା ଲାଗି ସିସିଟିଭି କ୍ୟାମେରା ସମସ୍ତ ପରୀକ୍ଷା ସେଣ୍ଟରରେ ଲଗାଯିବା ବ୍ୟବସ୍ଥା ହୋଇଛି ।ଏଥିସହ ପ୍ରଶ୍ନପତ୍ର



ଲିକ୍ ଉପରେ ମଧ୍ୟ କଡା ନଜର ରଖାଯାଇଛି। କପି ରୋକିବା ନେଇ ଗଠନ ହୋଇଛି ଜିଲ୍ଲାସ୍ତରୀୟ ସ୍କ୍ୱାଡ୍ । ବଡ ଜିଲ୍ଲାରେ ୨ଟି ଓ ଛୋଟ ଜିଲ୍ଲାରେ ଗୋଟିଏ ରହିବେ ସ୍କ୍ୱାଡ୍ ।ପରୀକ୍ଷା ପରିଚାଳନା ଉପରେ କଡା ନଜର ରଖିବ ସ୍କ୍ୱାଡ୍ । ଏନେଇ ସମସ୍ତ ଖର୍ଚ୍ଚ ବହନ କରିବ ସିଏଚଏସଇ ବୋଲି ସିଏଚଏସଇ ଅଧ୍ୟକ୍ଷ ଡକ୍ଟର ପ୍ରଶାନ୍ତ ପରିଡା ସୂଚନା ଜାରି କରିଥିଲେ।






# ମୋବାଇଲ ଗେମିଂ କମ୍ପାନୀରେ ନିଯୁକ୍ତ ହେଲେ ରୋବୋ ସିଇଓ

ବିଶ୍ୱରେ ୪ର୍ଥ ଔଦ୍ୟୋଗିକ କ୍ରାନ୍ତି ଜୋରଦାର ହେଉଥିବାବେଳେ ଟେକ୍ନୋଲୋଜି ଜଗତ ଏକ ବଡ଼ ଲମ୍ଫ ଦେଇଛି । ଚୀନ୍‌ର ଏକ ମୋବାଇଲ ଗେମ୍ କମ୍ପାନି ଏକ ରୋବୋକୁ ସିଇଓ ପଦରେ ନିଯୁକ୍ତ କରିଛି। କଥାଟା ବିଜ୍ଞାନ-କାଳ୍ପନିକ ଉପନ୍ୟାସର କାହାଣୀ ଭଳି ଲାଗୁଥିଲେ ମଧ୍ୟ ଏହା ସତ। କମ୍ପାନିର ନାମ ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟ। ନେଟ୍‌ଡ୍ରାଗନ୍ ନିଯୁକ୍ତ କରିଥିବା କୃତ୍ରିମ ବୁଦ୍ଧିମତାସମ୍ପନ୍ନ ଏହି ମାନବ ରୋବୋର ନାମ ତାଙ୍ଗ ୟୁ। ଏହାକୁ ଜଣେ ମହିଳା ମାନବ ରୋବୋର ପରିଚୟ ପ୍ରଦାନ କରାଯାଇଛି। ଚୀନ୍‌ର ଅନ୍ୟତମ ପ୍ରସିଦ୍ଧ ଓ ଜଣାଶୁଣା ଅନ୍‌ଲାଇନ୍ ଗେମ୍ ଡେଭ୍‌ଲପର ହେଉଛି ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟ। ମଲ୍ଟିପ୍ଲେୟର ଅନ୍‌ଲାଇନ୍ ଗେମ୍ ଏବଂ ମୋବାଇଲ ଆପ୍ ପ୍ରସ୍ତୁତି ଓ ପରିଚାଳନା ପାଇଁ ଏହା ପରିଚିତ। କମ୍ପାନିର ମୁଖ୍ୟ ଡିଭିଜନ୍ ଫୁଜିଆନ୍ ନେଟ୍‌ଡ୍ରାଗନ୍ ୱେବସଫ୍ଟରେ ସିଇଓ ଭାବେ ତାଙ୍କୁ ନିଯୁକ୍ତ ନିଯୁକ୍ତି ମିଳିଛି। କମ୍ପାନିର ଦୈନନ୍ଦିନ କାର୍ଯ୍ୟରେ ନିଷ୍ପତ୍ତି ନେବାରେ ଏହା ସାହାଯ୍ୟ କରିବ ଏବଂ ଅଧିକ ପ୍ରଭାବଶାଳୀ ରିସ୍କ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ ପ୍ରଦାନ କରିବ। ମ୍ୟାନେଜିଙ୍ଗ ବୋର୍ଡ ପାଇଁ ରିୟଲ୍-ଟାଇମ୍ ଡାଟା ସେଣ୍ଟର ଓ ଆନାଲିଟିକ୍ସ ଟୁଲ୍ ଭାବେ ମଧ୍ୟ ଏହାକୁ ପ୍ରୟୋଗ କରାଯାଇପାରିବ। କର୍ମଚାରୀଙ୍କ ପାଇଁ ଉତ୍ତମ କର୍ମ ପରିବେଶ ପ୍ରଦାନ କରିବା ମଧ୍ୟ ତାଙ୍ଗ ୟୁର କର୍ତ୍ତବ୍ୟ ।



କୃତ୍ରିମ ବୁଦ୍ଧିମତା ବିନା ଆଜିର ଟେକ୍ନୋଲୋଜି ବିଷୟରେ ଚିନ୍ତା କରିବା ସମ୍ଭବ ନୁହେଁ। ତେଣୁ ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟ କମ୍ପାନିର ପ୍ରତିଷ୍ଠାତା ଡ. ଡିଜିଆନ୍ ଲିଉ ନିଜ କମ୍ପାନିରେ ଏହାର ଗୁରୁତ୍ୱକୁ ପ୍ରାଧାନ୍ୟ ଦେଇଛନ୍ତି। ସେ କହିଛନ୍ତି 'ଆମର ବିଶ୍ୱାସ ଯେ କର୍ପୋରେଟ୍ ମ୍ୟାନେଜ୍‌ମେଣ୍ଟର ଭବିଷ୍ୟତ ହେଉଛି କୃତ୍ରିମ ବୁଦ୍ଧିମତା । ମାନବ ରୋବୋ ତାଙ୍ଗ ୟୁକୁ ସିଇଓ ରୂପେ ନିଯୁକ୍ତି ମିଳିବା ବ୍ୟବସାୟ ପରିଚାଳନାର ମାର୍ଗ ପରିବର୍ତ୍ତନରେ କୃତ୍ରିମ ବୁଦ୍ଧିମତାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ଭବିଷ୍ୟତରେ ରଣନୀତିକ ଅଭିବୃଦ୍ଧିକୁ ଆଗକୁ ନେବା। ଧୀରେ ଧୀରେ ଆମେ ମେଟାଭର୍ସ ଆଧାରିତ କାର୍ଯ୍ୟ ସମୁଦାୟରେ ରୂପାନ୍ତରିତ ହେଉଥିବାବେଳେ ତାଙ୍ଗ ୟୁ ରୋବୋକୁ ଏକ ଉନ୍ମୁକ୍ତ, ପାରସ୍ପରିକ ଓ ଅତ୍ୟନ୍ତ ସ୍ୱଚ୍ଛ ପ୍ରବନ୍ଧନ ମଡେଲ ରୂପେ ନିର୍ମାଣ କରିବାକୁ କମ୍ପାନି ପ୍ରୟାସ ଜାରି ରଖିଛି। ଏହା ଆମକୁ ବିଶ୍ୱସ୍ତରରେ ଅଧିକ ବ୍ୟାପକ ପ୍ରତିଭାଙ୍କୁ ଆକର୍ଷିତ କରିବାରେ ସମର୍ଥ କରିବ ଏବଂ ବୃହତ ଲକ୍ଷ୍ୟ ହାସଲ କରିବାର ସ୍ଥିତିକୁ ଆମକୁ ନେଇଯିବ ବୋଲି ଲିଉ କହିଛନ୍ତି। ୧୯୯୯ ମସିହାରେ ଅନ୍‌ଲାଇନ୍ ଗେମ୍ ଡେଭ୍‌ଲପର କମ୍ପାନି ନେଟ୍‌ଡ୍ରାଗନ୍‌ର ସ୍ଥାପନା ହୋଇଥିଲା। ଇଉଡେମନ୍ସ ଅନ୍‌ଲାଇନ୍, ହିରୋଜ୍ ଇଭଲ୍‌ଭଡ୍, କନ୍‌କର ଅନ୍‌ଲାଇନ୍ ଓ ଅଣ୍ଡର ଓଥ୍ ଭଳି ଅନେକ ଲୋକପ୍ରିୟ ଗେମ୍ ଏହା ପ୍ରସ୍ତୁତ କରିଛି। ଅନ୍ତର୍ଜାତୀୟ ସ୍ତରରେ ସର୍ବଶ୍ରେଷ୍ଠ ଶିକ୍ଷଣ ସମୁଦାୟ ସୃଷ୍ଟି ଲାଗି ୨୦୧୨ ମସିହାରେ ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟ ଶିକ୍ଷା କ୍ଷେତ୍ରରେ କାମ ଆରମ୍ଭ କରିଛି।

# ପ୍ରକୃତ ପ୍ରେମ ପାଇବାରୁ ବଞ୍ଚିତ: ମହିମା



ବଲିଉଡ୍ ଅଭିନେତ୍ରୀ ମହିମା ଚୌଧୁରୀ ତାଙ୍କର ୪୯ତମ ଜନ୍ମଦିନ ପାଳନ କରୁଛନ୍ତି। ଫିଲ୍ମ 'ପରଦେଶ୍' ସହିତ ଡେବ୍ୟୁ କରିଥିବା ମହିମା ତାଙ୍କ ସମୟରେ ବହୁ ଖ୍ୟାତି ଅର୍ଜନ କରିଥିଲେ। ଯଦିଓ ନାମ ଏବଂ ଖ୍ୟାତି ପ୍ରକ୍ରିୟା ତାଙ୍କ କ୍ୟାରିୟରରେ ଅଧିକ ଦିନ ରହିନଥିଲା। କିନ୍ତୁ ମହିମା ଚୌଧୁରୀ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ସମୟରେ ହେଡଲାଇନ ରହି ଆସିଛନ୍ତି। କୁହାଯାଏ ଯେ ଏକଦା ଟେନିସ୍ ଖେଳାଳି ଲିଆଣ୍ଡର୍ ପେସ୍‌ଙ୍କ ସହ ମହିମାଙ୍କ ଆଫେୟାର ନେଇ ଚର୍ଚ୍ଚା ହେଉଥିଲା। ରିୟା ପିଲ୍ଲାଇଙ୍କ କାରଣରୁ ଉଭୟଙ୍କ ସମ୍ପର୍କ ଭାଙ୍ଗି ଯାଇଥିଲା। ରିୟାଙ୍କ ସହ ଲିଆଣ୍ଡରଙ୍କ ଘନିଷ୍ଠତା ବଢିଯାଇଥିଲା ଯେ, ଯେଉଁଥିପାଇଁ ମହିମା ତାଙ୍କ ସହ ସମ୍ପର୍କକୁ ଦ ଏଣ୍ଡ କରିଥିଲେ । ୨୦୦୬ରେ, ସେ ବ୍ୟବସାୟୀ ବବି ମୁଖାର୍ଜୀଙ୍କୁ ବିବାହ କରିଥିଲେ। ହେଲେ ବେଶି ଦିନ ତିଷ୍ଠିପାରିନଥିଲା ଏମାନଙ୍କ ସମ୍ପର୍କ । ଖୁବ କମ୍ ଦିନରେ ଅଲଗା ହୋଇଥିଲା ଦମ୍ପତି । ୨୦୨୧ ମସିହାରେ ମହିମା ଚୌଧୁରୀ ତାଙ୍କ ଜୀବନ ବିଷୟରେ କହିଥିଲେ। ତାଙ୍କ ସହ ଯାହା ଘଟିଥିଲା, ତାହା ତାଙ୍କ କ୍ୟାରିୟରକୁ ପ୍ରଭାବିତ କରିଥିବା ସେ କହିଥିଲେ। ଏହା ସହିତ ସେ ତାଙ୍କର ବିବାହ ଏବଂ ଦୁଇଟି ଗର୍ଭପାତ ବିଷୟରେ ମଧ୍ୟ କହିଥିଲେ। ମହିମା କହିଥିଲେ ଯେ ସେ ଖୁସିରେ ନାହାଁନ୍ତି। ୨୦୦୬ରେ, ମହିମା ବବି ମୁଖାର୍ଜୀଙ୍କୁ ବିବାହ କରିଥିଲେ। ୨୦୦୭ରେ, ଉଭୟଙ୍କର ଝିଅ ଆରିନା ମୁଖାର୍ଜୀ ଜନ୍ମ ହୋଇଥିଲେ। ପରେ ୨୦୧୩ରେ ଏହି ଦମ୍ପତି ଛାଡପତ୍ର ଘୋଷଣା କରିଥିଲେ। ମହିମା ଚୌଧୁରୀ କହିଥିଲେ ଏସବୁ ପାଇଁ ମୁଁ ବହୁତ ସମସ୍ୟାର ସମ୍ମୁଖୀନ ହୋଇଛି। ଜଣେ ସିଙ୍ଗଲ ମଦର ହେବା ବହୁତ କଷ୍ଟକର। ଏହା ମୋ କ୍ୟାରିୟର ଉପରେ ବି ବେଶ୍ ପ୍ରଭାବ ପକାଇଥିଲା। ଯେବେ ମୁଁ କୌଣସି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଏ ବା କିଛି କାମଥାଏ ତେବେ ମୋ ଝିଅକୁ ମାଆ ନିକଟରେ ଛାଡି ଯାଏ। ବହୁତ ସଂଘର୍ଷ ଭିତରେ ମୋ ଜୀବନ କଟୁଛି। ତେବେ ଏସବୁରେ ତାଙ୍କ ମାଙ୍କର ଥିବା ବଳିଷ୍ଠ ଅବଦାନ ରହିଛି। ଏତିକିରେ ସରିନଥିଲା ତାଙ୍କ ଦୁଃଖ। ୨୦୨୨ରେ ସେ କ୍ୟାନସରରେ ପୀଡିତ ହେଲେ। ତେବେ ଉତ୍ତମ ଚିକିତ୍ସା ବଳରେ ସେ ଏବେ କ୍ୟାନସରକୁ ମାତ୍ ଦେଇ ସୁସ୍ଥ ହୋଇଛନ୍ତି।



# ଦୁବାଇରେ ନିର୍ମାଣ ହେବ ଜହ୍ନ ଭଳି ହୋଟେଲ

ଉପସାଗରୀୟ ଦେଶରେ ଏକ ଏପରି ସହର ଅଛି ଜିଏ ନିଜର ନୂଆନୂଆ କର୍ତ୍ତୃତ୍ୱରେ ଦୁନିଆକୁ ଆଶ୍ଚର୍ଯ୍ୟ ଚକିତ କରିଆସୁଛି। ଏଠାରେ ଆମେ ଦୁବାଇ ସହରର କଥା କହୁଛୁ। ଯିଏ ନିଜର ସ୍ଥାପତ୍ୟ ଓ ଭବ୍ୟ ନିର୍ମାଣ ଲାଗି ସାରା ବିଶ୍ୱରେ ପ୍ରସିଦ୍ଧ। ଏଠାରେ ଥିବା ବୁର୍ଜ ଅଲ-ଖଲିଫା ସମ୍ପର୍କରେ ଦୁନିଆରେ ଏପରି କେହି ନଥିବେ ଜିଏ ଜାଣିନଥିବ। ମରୁଭୂମିରେ ଛିଡା ହୋଇଥିବା ଏହା ବିଶ୍ୱର ସବୁଠୁ ଉଚ୍ଚତମ ଅଟ୍ଟାଳିକା। ଭୁର୍ଜ ଖଲିଫାର ଉଚ୍ଚତା ଦେଖି ଲୋକେ ଏବେବି ତାଜୁବ ହୋଇ ଯାଉଛନ୍ତି। ଏବେ ସେହି ଦୁବାଇ ପୁଣି ବିଶ୍ୱକୁ ଚମକୃତ କରିବାକୁ ଯାଉଛି। କାରଣ ନିଜ ମାଟିକୁ ସେ ଜହ୍ନ ଓହ୍ଲାଇ ଆଣିବାକୁ ଯାଉଛି। ଉଲ୍ଲେଖଯୋଗ୍ୟ ଯେ ଦୁବାଇ ଏବେ ନିଜର ଜହ୍ନ ନିର୍ମାଣ କରିବାକୁ ଯାଉଛି। ଯାହା ଚନ୍ଦ୍ରମା ଆକାରର ଏକ ରିସୋର୍ଟ ହେବ। ଜହ୍ନ ଭଳି ରିସୋର୍ଟର ଡିଜାଇନ କାନାଡା କମ୍ପାନୀ ମୁନ୍ ୱାର୍ଲଡ ରିଜୋର୍ଟ ଇଂକ କରୁଛନ୍ତି। ଏହି ଜହ୍ନର ଆକାର ୭୩୫ ଫୁଟର ହେବ। ତେବେ ଏଠାରେ ଦେଖିବାର କଥା ହେଲା ଏହି ଜହ୍ନ ନିର୍ମାଣ କରିବାକୁ ୫ ବିଲିୟନ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୪୦ ହଜାର କୋଟି ଟଙ୍କା ବ୍ୟୟ ହେବ। ଏହାଛଡା ଏହି ବିଶାଳ ଜହ୍ନ ତିଆରି ପାଇଁ ୪୮ ମାସ ସମୟ ଲାଗିବ। ଅର୍ଥାତ ଏହା ଲୋକଙ୍କ ଲାଗି ୪ ବର୍ଷରେ ତିଆରି ହୋଇଯିବ। ଦୁବାଇରେ ପୂର୍ବରୁ ଅନେକ ବିଳାଶମୟ ଟୁରିଷ୍ଟ ପ୍ଲେସ୍ ରହିଛି। ଯେଉଁଥିରେ ଦୁବାଇ ମଲ ଓ ଆଟଲାଣ୍ଟିସ୍ ପାମ ଜୁମାରେହ ମଧ୍ୟ ଅଛି। ଏହି ଲଗଜରୀ ହୋଟେଲ ଓ ମଲ ସୂଚୀରେ ଏବେ ଜହ୍ନ ବି ଯୋଡି ହୋଇଯିବ। ଏହି ଜହ୍ନ ତିଆରି ହୋଇଗଲେ ଏଠାକୁ ବାର୍ଷିକ ୨୫ ଲକ୍ଷ ଲୋକେ ବୁଲିବାକୁ ଆସିବେ ବୋଲି ଏକ ଆକଳନ କରାଯାଇଛି। ଦୁବାଇରେ ଜହ୍ନ ଥିମର ଏହି ହୋଟେଲ ସହରର ଅର୍ଥ ବ୍ୟବସ୍ଥାକୁ ନୂଆ ଜୀବନ ଦେବ ବୋଲି ମୁନ୍‌ୱାର୍ଲଡ ରିସର୍ଟ ଇଂକର ସହ ସଂସ୍ଥାପକ ମାଇକେଲ ଆର.ହେଣ୍ଡରସନ କହିଛନ୍ତି। ଏଥିରେ ହସ୍ପିଟାଲିଟି, ଏଣ୍ଟରଟେରନମେଣ୍ଟ, ଏଜୁକେସନ, ଟେକ୍ନୋଲଜି ଓ ସ୍ପେସ୍ ଟୁରିଜିମ ଭଳି କ୍ଷେତ୍ରକୁ ଅଭିବୃଦ୍ଧି ମିଳିବ ବୋଲି ସେ କହିଛନ୍ତି।

# ଟାଟୁ ପାଇଁ ହୋଇପାରେ ସ୍କିନ୍ କ୍ୟାନ୍ସର



ବର୍ତ୍ତମାନ ଯୁବପିଢ଼ିଙ୍କ ଫ୍ୟାଶନ୍‌ରେ ଟାଟୁ ବେଶ୍ ଆଗରେ ରହିଛି। ତେବେ ଏଥିପାଇଁ ବ୍ୟବହୃତ ରଙ୍ଗ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ ବୋଲି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଥିପାଇଁ ବ୍ୟବହାର କରାଯାଉଥିବା କେତେକ ରଙ୍ଗରେ ଏପରି ରାସାୟନିକ ତତ୍ତ୍ୱ ରହିଛି, ଯାହା ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରିପାରେ। ଏପରି କି ଏହାଦ୍ୱାରା ସ୍କିନ୍ କ୍ୟାନ୍ସର ହେବାର ଆଶଙ୍କା ରହିଛି ବୋଲି ଗବେଷଣାରୁ ଜଣାପଡ଼ିଛି। କେବଳ ସେତିକି ନୁହେଁ, ଏହି ରଙ୍ଗ ହେପାଟାଇଟିସ୍ ବି ରୋଗର କାରଣ ସାଜିପାରେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଗ୍ରୀନ୍‌ଲ୍ୟାଣ୍ଡରେ ଦେଖାଯାଆନ୍ତି ନାହିଁ ପିମ୍ପୁଡ଼ି

ପୃଥିବୀର ଏମିତି କିଛି ସ୍ଥାନ ଅଛି ଯେଉଁଠି ପିମ୍ପୁଡ଼ି ଦେଖିବାକୁ ମିଳେନାହିଁ। ପରିସଂଖ୍ୟାନ ଅନୁସାରେ ପୃଥିବୀରେ ୧୨ ହଜାରରୁ ଅଧିକ ପ୍ରଜାତିର ପିମ୍ପୁଡ଼ି ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କଳା, ବାଦାମୀ ଓ ନାଲି ରଙ୍ଗର। ବିଶ୍ୱରେ ଦେଖାଯାଉଥିବା ଅନେକ ପିମ୍ପୁଡ଼ି ମଧ୍ୟରୁ କିଛି ବିଷାକ୍ତ ମଧ୍ୟ ଅଛନ୍ତି। ବିଶ୍ୱରେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ଗୋଟିଏ ବି ପିମ୍ପୁଡ଼ି ଦେଖିବାକୁ ମିଳେ ନାହିଁ। ଏହା ହେଉଛି ଗ୍ରୀନ୍‌ଲ୍ୟାଣ୍ଡ୍। ଏହା ବିଶ୍ୱର ସବୁଠାରୁ ବଡ଼ ଦ୍ୱୀପ। ଏଠାକାର ଜଳବାୟୁ ବହୁତ ଥଣ୍ଡା କାରଣରୁ ଏଠାରେ ପିମ୍ପୁଡ଼ି ବଞ୍ଚିପାରନ୍ତି ନାହିଁ। ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ ଥଣ୍ଡା ପାଣିପାଗ ଏବଂ ଜଳବାୟୁ ପିମ୍ପୁଡ଼ି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଫେବୃଆରୀ ୧୩

# ଆରବିଆଇର ରେପୋରେଟ୍ ହ୍ରାସ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଶେଷରେ ରେପୋରେଟ୍ ୨୫ ବେସିକ୍ ପଏଂଟ ହ୍ରାସ କରି ବହୁ ଆକାଙ୍କିତ ସୁଧହାର ପାଇଁ ନିଷ୍ପତି ଗ୍ରହଣ କରିବା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ପ୍ରାୟ ପାଂଚ ବର୍ଷ ପରେ ରିଜର୍ଭବ୍ୟାଙ୍କ ରେପେରରେଟ୍ ୨୫ ବେସିକ ପଏଂଟ ହ୍ରାସ କରିବା ଦ୍ୱାରା ତାହା ୬.୨୫ ପ୍ରତିଶତକୁ ଖସି ଆସିଛି। ତେବେ ଆର୍ଥୀକ ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ମଧରେ ଭାରସାମ୍ୟ ରଖିବା ପାଇଁ ଆରବିଆଇ ମୋନେଟାରୀ ପଲିସ କମିଟି (ଏମପିସି) ଏହି ନିଷ୍ପତି ଗ୍ରହଣ କରିଛି। କେବଳ ଏତିକି ନୁହେଁ, ଯେତେବେଳେ ଭାରତର ଅର୍ଥନୀତି ମନ୍ଥର ହେଉଛି, ସେତିକି ବେଳେ ଏହି ନିଷ୍ପତି ଆସିଛି। କହିବା ବାହୁଲ୍ୟ ଯେ, ୨୦୨୩-୨୪ ଆର୍ଥୀକ ବର୍ଷରେ ଭାରତର ଅଭିବୃଦ୍ଧି ୬.୭ ପ୍ରତିଶତ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏବେ ମୁଦ୍ରାସ୍ଫୀତି ଅନୁକୂଳ ସ୍ଥିତିରେ ୪ ପ୍ରତିଶତରେ ରହିଥିବାବେଳେ ଅଭିବୃଦ୍ଧି ଉପରେ ଆରବିଆଇ ଗୁରୁତ୍ୱ ପ୍ରଦାନ କରିଛି। ଆରବିଆଇର ଏହି ପଦକ୍ଷେପ ଶିଳ୍ପ ସମୁଦାୟ ସ୍ୱାଗତ କରିଥିବାବେଳେ ଋଣ ହାର ଏବେ ବି ଅନିଶ୍ଚିତ ଅବସ୍ଥାରେ ରହିଛି। ଆରବିଆଇର ସୁଧ ହାର(ରେପୋରେଟ୍) ହ୍ରାସ ପରେ ଗାଡି ଓ ଗୃହ ଋଣ ହ୍ରାସ ପାଇବ। ଅନ୍ୟପକ୍ଷରେ ସଂଚୟ ଜମା ଉପରେ ସୁଧ ହ୍ରାସ ପାଇବ। ବିଶେଷ କରି ଏହା ଦ୍ୱାରା ବରିଷ୍ଠ ନାଗରିକ ମାନେ ପ୍ରଭାବିତ ହେବେ। ଏହା ନିସନ୍ଦେହ ଯେ, ବିଶ୍ୱ ପ୍ରତିକୂଳ ପରିସ୍ଥିତି ଅଭିବୃଦ୍ଧିକୁ ପ୍ରଭାବିତ କରିଚାଲିଛି ଏବଂ ନିମ୍ନଗାମୀ ହେବାର ବିପଦ ସୃଷ୍ଟି କରୁଛି। ବିଶ୍ୱରେ ଉଦୀୟମାନ ବଜାରଗୁଡିକରେ ପୁଞ୍ଜି ପ୍ରବାହ ହ୍ରାସ, ମୁଦ୍ରାର ତୀବ୍ର ମୂଲ୍ୟ ହ୍ରାସ ଏବଂ କଠୋର ପରିସ୍ଥିତି ଦେଖାଦେଇଛି। ତେଣୁ ବିଶ୍ୱ ପ୍ରତିକୂଳ ପରିସ୍ଥିତି ଅଭିବୃଦ୍ଧି ଉପରେ ଚାପ ପକାଇବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ରେପୋରେଟ୍ ହ୍ରାସ ଦ୍ୱାରା କେବଳ ବ୍ୟାଙ୍କ ଋଣ ଉପରେ କମ୍ ସୁଧ ନେବ ନାହିଁ, ବିଭିନ୍ନ ଜମା ଯୋଜନା ଉପରେ ମଧ କମ୍ ସୁଧ ପ୍ରଦାନ କରିବ। ଏଥିଲାଗି କେନ୍ଦ୍ର ସରକାର କ୍ଷୁଦ୍ର ସଂଚୟ ଯୋଜନାର ସୁଧ ହ୍ରାସ କରିବା ପାଇଁ ନିଷ୍ପତି ନେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ବିଶେଷ କରି ପିପିଏଫ, ଏନଏସସି, କିଷାନ ବିକାଶ ପତ୍ର ଓ ସୁକନ୍ୟା ସମୃଦ୍ଧି ଆକାଉଂଟ ପରି କ୍ଷୁଦ୍ର ସଂଚୟ ଯୋଜନା ଉପରେ ସୁଧ ହ୍ରାସ କରିବା ଆଶଙ୍କାକୁ ଉଜ୍ଜୀବତ କରିଛି। ତେବେ ଆର୍ଥୀକ ବିଶେଷଜ୍ଞମାନେ ମତ ଦିଅନ୍ତି ଯେ, କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ବ୍ୟାଙ୍କ ସ୍ଥାୟୀ ଜମା ଉପରେ ସୁଧ ହ୍ରାସ କରିବା ପୂର୍ବରୁ ନିବେଷକମାନେ ସ୍ଥାୟୀ ଜମା ଆକାଉଂଟ ଖୋଲିବା ଜରୁରୀ। ଆରବିଆଇର ନୂତନ ଗଭର୍ଣ୍ଣର ସଂଜୟ ମାଲହୋତ୍ରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ମୁଦ୍ରାନୀତି କମିଟି ବୈଠକରେ ଡଃ ନଗେଶ କୁମାର, ସୌଗତ ଭଟ୍ଟାଚାର୍ଯ୍ୟ, ପ୍ରଫେସର ରାମ ସିଂହ, ଡଃ ରାଜୀବ ରଂଜନ ଏବଂ ଏମ.ରାଜେଶ୍ୱର ରାଓଙ୍କ ଉପସ୍ଥିତିରେ ଅନୁମୋଦିତ ନିଷ୍ପତିରେ କେବଳ ରେପୋରେଟ୍ ହ୍ରାସ ନୁହେଁ, ଆର୍ଥୀକ କାରବାରରେ ସାଇବର ସୁରକ୍ଷାକୁ ବ୍ୟାପକ କରିବା ପାଇଁ ନିଷ୍ପତି ହୋଇଛି। ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ପ୍ରଶାସନର ଭାରତ ସମେତ କେତେକ ରାଷ୍ଟ୍ରପତି ଉପରେ ଆମଦାନୀ ଜନିତ ୨୫ ପ୍ରତିଶତ ଶୁଳ୍କ ଲାଗୁ ନିଶ୍ଚିତ ଭାବେ କେବଳ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବ ନାହିଁ, ବିଭିନ୍ନ ସାମଗ୍ରୀ ଉପରେ ଦରଦାମ ବୃଦ୍ଧି ଘଟାଇବ। ଏହା ସତ୍ୟ ଯେ, ଦେଶରେ ମୁଦ୍ରାସ୍ଫୀତି ଉପରମୁହାଁ ହୋଇଥିବାବେଳେ ଏବେ ଋତୁଭିତିକ ପରିବା ଉତ୍ପାଦନ ଚାହିଦା ଅନୁପାତରେ ଯଥେଷ୍ଟ ଅଧିକ ଥିବାର ସୂଚନା ରହିଛି। ଏହାର ପ୍ରଭାବରେ ଲୋକଙ୍କ କ୍ରୟ କରିବାର ସମର୍ଥ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି ଏବଂ ସ୍ଥିତି କ୍ରମଶଃ ମନ୍ଥର ଆଡକୁ ଗତି କରୁଛି। ଏଭଳି ଏକ ସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ମାଲହୋତ୍ରାଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏଭଳି ଏକ ପରିବେଶରେ ନୂଆ ଗଭର୍ଣ୍ଣର ଭାରତୀୟ ଅର୍ଥନୀତିକୁ ନୂତନ ଦିଗ ଦେବ। ଜରୁରୀ ଯାହାକି ତାଙ୍କ ନେତୃତ୍ୱାଧୀନ ଏମପିସିର ପ୍ରଥମ ବୈଠକରେ ନିଷ୍ପତି ଯଥାର୍ଥ ଦିଗରେ ଯାଉଛି ବୋଲି କୁହାଯାଇପାରିବ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ବିଶ୍ୱ ରେଡ଼ିଓ ଦିବସ



ଶ୍ୟାମ ସୁନ୍ଦର ସାମଲ

ଟେଲିଭିଜନ, ମୋବାଇଲ, ଇଣ୍ଟରନେଟ, ଟ୍ୟାବଲେଟ ଆଦି ଅତ୍ୟାଧୁନିକ ଉପକରଣଗୁଡ଼ିକର ଲୋକପ୍ରିୟତା ଯେତେ ବୃଦ୍ଧି ପାଇଲେ ବି ନିଜ ଚାହିଦା ବଜାୟ ରଖିଛି ରେଡ଼ିଓ। ଆଜି ବି ଲୋକେ ଏହାର ବ୍ୟବହାର ଜାରି ରଖିଛନ୍ତି। ଏକଦା ମନୋରଞ୍ଜନର ମୁଖ୍ୟ ମାଧମ ବୋଲଉଥିବା ରେଡ଼ିଓ ଏବେ ନୂଆ ରୂପ ଓ ନୂଆ ରଙ୍ଗରେ ଶ୍ରୋତାଙ୍କ ମନ କିଣିବାରେ ସଫଳ ହୋଇଛି। ଖବର ପ୍ରସାରଣର ଅନ୍ୟତମ ପ୍ରମୁଖ ମାଧମ ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଅନ୍ୟ ବୈଦ୍ୟୁତିକ ଗଣମାଧମ ତୁଳନାରେ ସବୁ ପରିସ୍ଥିତିରେ ଓ ସବୁ ସ୍ଥାନରେ ପହଞ୍ଚି ଅଗଣିତ ଶ୍ରୋତାଙ୍କ ବିଶ୍ୱାସଭାଜନ ହୋଇପାରିଛି। ଚାଷୀ, ମୂଲିଆ, ମଜୁରିଆ ଶ୍ରେଣୀର ଲୋକଙ୍କ ପାଇଁ ରେଡ଼ିଓ ମନୋରଞ୍ଜନର ଏକ ମୁଖ୍ୟ ମାଧମ। ସେତିକି ନୁହେଁ, ଅଧିକାଂଶ ସମ୍ଭ୍ରାନ୍ତଙ୍କ ପାଇଁ ମଧ ଏହା ଖବର ପ୍ରେରଣର ଏକ ମାଧମ। ରେଡ଼ିଓ ଯେମିତି ସେମାନଙ୍କ ପରମ୍ପରା ସହିତ ଯୋଡ଼ି ହୋଇ ରହିଛି। ବିନା ବିଜୁଳିରେ ଚାଲୁଥିବାରୁ ବିପର୍ଯ୍ୟୟ ସମୟରେ ଏହାର ଆବଶ୍ୟକତା ବଢ଼ିଯାଏ। ଏବେ ଦୁର୍ଗମ ଅଞ୍ଚଳରେ କମ୍ୟୁନିଟି ରେଡ଼ିଓର ଆଦର ବଢୁଛି।

ଇଣ୍ଟରନେଟ, ଟିଭି, ମୋବାଇଲ ଅଚଳ ହୋଇପଡ଼ିଥିବାବେଳେ ରେଡ଼ିଓ ଯୋଗଯୋଗ ବଜାୟ ରଖିଥାଏ। ୟୁନିଶ ରେଡ଼ିଓ ଏକାଡ଼େମୀର ପ୍ରସ୍ତାବ ଏବଂ ଜାତିସଂଘର ଅନୁମୋଦନ କ୍ରମେ ୨୦୧୨ରୁ ପ୍ରତିବର୍ଷ ଫେବୃଆରୀ ୧୩ ତାରିଖ ବିଶ୍ୱ ରେଡ଼ିଓ ଦିବସ ପାଳନ କରାଯାଉଛି। ଏହାର ପ୍ରଚାର ପ୍ରସାର ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଜର୍ମାନୀର ହେନରିଚ୍ ହର୍ଜ, ଋଷିଆର ଆଲେକଜାଣ୍ଡର ପୋପୋଭ, ଫ୍ରାନ୍ସର ଏଡ୍‌ୱାର୍ଡ୍, ଆମେରିକାର ନିକୋଲା ଟିସ୍‌ଲା, ଇଟାଲିର ଗ୍ୟୁଗ୍ଲିଏଲମୋ ମାର୍କୋନି, ବ୍ରିଟେନର ଅଲିଭର୍ ଲଜ, ଭାରତର ଚନ୍ଦ୍ର ବସୁ। ରେଡ଼ିଓର ପ୍ରଚାର ପ୍ରସାରରେ ଏମାନେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏମାନଙ୍କ ଅବଦାନକୁ ମନେ ପକାଇବା ପାଇଁ ଏହି ଦିବସର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ।

*ବିଡ଼ାନାସୀ ବନ୍ଧଛକ, କଟକ,*
*ଦୂରଭାଷ : ୯୭୭୮୬୩୫୯୨୬*

# ମହିମା ଧର୍ମ ଓ ଶୂନ୍ୟ ଯୋଗ



ଅଲେଖ ଚନ୍ଦ୍ର ସାମଲ

ଆର୍ଯ୍ୟ ସନାତନ ଧର୍ମ ସଂସ୍କୃତିରେ ମହିମା ଧର୍ମର ସ୍ୱତନ୍ତ୍ରତା ରହିଛି। ସମାଜରେ ମଣିଷ ମଣିଷ ଭିତରେ ଧର୍ମ ଓ ଜାତି ଭେଦର ଭାବନା ସମୟରେ ଗୁରୁ ମହିମା ସ୍ୱାମୀ ମହିମା ଗୋସେଇଁ ବା ଅଲେଖ ଗୋସେଇଁ ଭାବରେ ବିଶୁଦ୍ଧ ବ୍ରହ୍ମବାଦର ଆଧାତ୍ମିକ ମାର୍ଗ ଦର୍ଶନ ନିମିତ୍ତ ଏକ ଜାଗରିତ ଚେତନାର ରୂପାନ୍ତରଣ ଥିଲେ। ଗାଁ ଗହଳିରେ ମହିମା ସ୍ୱାମୀଙ୍କୁ କେହି କେହି ଧୂଳିଆବାବା ନାମରେ ଡାକୁଥିଲେ। ପର୍ବତ ଗିରି କନ୍ଦରରେ ଆତ୍ମଯୋଗ ସମାଧିରେ ତପସ୍ୟାରତ ହୋଇ ସିଦ୍ଧିଲାଭ ପ୍ରାପ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ତପସ୍ୟା ଅର୍ଜିତ ଜ୍ଞାନର ପ୍ରଚାର ପ୍ରସାର ପାଇଁ ମହିମା ଗୋସେଇଁ ପଦବ୍ରଜରେ ସମଗ୍ର ଉତ୍କଳ ପରିଭ୍ରମଣ କରୁଥିଲେ। ଭାରତୀୟ ଆଧାତ୍ମିକ ପରମ୍ପରାରେ ଆରମ୍ଭ ହୋଇଥିଲା ଧର୍ମର ଏକ ନୂତନ ମହିମା ମଣ୍ଡିତ ଅଧ୍ୟାୟ ମହିମା ଧର୍ମ। ଏହା ଉତ୍କଳର ନିଜସ୍ୱ ଧର୍ମମତବାଦ। ଏଥିରେ କୌଣସି ପ୍ରତିମା ପୂଜାକୁ ବିଶ୍ୱାସ କରାଯାଏନା ବା ପୂଜିତ କରାଯାଏନା। ଏହା ମାନବବାଦ ଉପରେ ପର୍ଯ୍ୟବେସିତ। ମହାଶୂନ୍ୟରେ ଅନନ୍ତ ନୀରବତା ବୋଲି କୁହାଯାଏ। ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟ ସଂହିତା ଗ୍ରନ୍ଥଟି ପଞ୍ଚସଖା ମାନଙ୍କ ଶୂନ୍ୟ ସାଧନା ସମ୍ପର୍କରେ ଉଲ୍ଲେଖ କରିଛି। ଶୂନ୍ୟ ଦର୍ଶନ ହିଁ ଜ୍ୟୋତିବ୍ରହ୍ମ ଓ ପିଣ୍ଡ ବ୍ରାହ୍ମଣ୍ଡ ଦର୍ଶନ। ଭାରତୀୟ ଯୋଗରେ ଦୁଇଟି ଦର୍ଶନ ରହିଛି। ଗୋଟିଏ ଜ୍ୟୋତି ଅନ୍ୟଟି ଶୂନ୍ୟତା। ଶୂନ୍ୟତାକୁ ଅନ୍ତର ଭିତରେ ଉପଲବ୍ଧି କଲେ ମଣିଷର ମନ ଓ କାମନାର ବିନାଶ ହୋଇଥାଏ ଯାହାଦ୍ୱାରା ଚେତନ ଶକ୍ତି ଓ ପ୍ରାଣ ଶକ୍ତି ଜାଗରିତ ହୋଇଥାଏ। ଏହାଫଳରେ ଶୂନ୍ୟତାର ସ୍ଥିତି ମଧ ନିର୍ବାଣ ଭାବେ ପରିଚିତ ହୋଇଥାଏ। ଯୋଗରେ ଧାରଣାରୁ ଧ୍ୟାନସ୍ତରକୁ ଯିବା ପାଇଁ ଶୂନ୍ୟଯୋଗର ଆବଶ୍ୟକତା ରହିଛି। ଶୂନ୍ୟ ଯୋଗରେ ସ୍ଥିର ହୋଇଗଲେ ଏହା ନିର୍ବିକଳ୍ପ ସମାଧି ଦିଗରେ ବାଟ କଢ଼ାଇ ନେଇଥାଏ। ଏହି ସମୟରେ ଶୂନ୍ୟରୁ ଶକ୍ତି ସଂଗ୍ରହ କରି ସାଧକ ଶରୀରକୁ ଜୀବିତ ରଖିପାରନ୍ତି।

ମହିମା ଧର୍ମ ଏହି ଶୂନ୍ୟବାଦ ଓ ଶୂନ୍ୟଯୋଗକୁ ଜାଗରଣ ଶକ୍ତି ଭାବରେ ଆଧାତ୍ମିକତାର ଉପଲବ୍ଧିକୁ ସାଧନାର ପ୍ରଶସ୍ତ ମାର୍ଗ ଭାବେ ଦର୍ଶନର ତତ୍ତ୍ୱକୁ ଅବତାରଣ କରିଥାଏ। ଶୂନ୍ୟ ପରମବ୍ରହ୍ମଙ୍କ ଦିବ୍ୟ ଚେତନାରେ ସନ୍ଥକବି ଭୀମଭୋଇ ତାଙ୍କ ସମଗ୍ର କବିତାକୁ ଉତ୍ସର୍ଗ କରିଛନ୍ତି। ସମର୍ପଣ, ସତ୍ୟ ଓ ତ୍ୟାଗର ଜାଜ୍ୱଲ୍ୟମାନ ଦୀପ୍ତିରେ ଉଦ୍‌ଭାସିତ ହୋଇଛି ମହିମା ଧର୍ମର ବାଣୀ। ଯାହାପାଇଁ ଓଡ଼ିଶାର ଅନେକ ଗ୍ରାମାଞ୍ଚଳରେ ସ୍ଥାପନ ହୋଇଛି ମହିମା ଟୁଙ୍ଗୀ। ଯୋରନ୍ଦା ମେଳା ହେଉଛି ମହିମା ଧର୍ମାବଲମ୍ବୀଙ୍କ ସାଧନାର ମହୋତ୍ସବ। ମହିମାଧର୍ମର ମୁଖ୍ୟପୀଠ ହେଉଛି ଯୋରନ୍ଦା। ଶୂନ୍ୟମନ୍ଦିରରେ ପବିତ୍ର ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଏହି ଶୂନ୍ୟମନ୍ଦିରକୁ ମହିମାଶ୍ରିତମାନେ ଦର୍ଶନ କରି ମହିମା ସନ୍ନ୍ୟାସୀଙ୍କ ଆଶୀର୍ବାଦ ନେଇଛନ୍ତି। ବିଶାଳ ଝାଡ଼ଦୀପ ଶୂନ୍ୟ ମନ୍ଦିର ପ୍ରାଙ୍ଗଣରେ ପ୍ରଜ୍ୱଳିତ ହୋଇଥାଏ। ଅହୋରାତ୍ର ଖଞ୍ଜଣି ମାଡ଼ରେ ମହିମା ଭଜନ ମୁଖରିତ ହୋଇଥାଏ। ଚତୁର୍ଦ୍ଦଶୀ ଦିନ ମହିମା ପରମ୍ପରା ଅବଲମ୍ବନରେ ପ୍ରାତଃ ସମୟରୁ ମହିମା ସନ୍ନ୍ୟାସୀମାନେ ଶୂନ୍ୟ ଦେଇଙ୍କ ସମସ୍ତ ରୀତିନୀତି ପାଳନ କରିଥାନ୍ତି। ଏହି ଝାଡ଼ ଦୀପରେ ଘୃତ ଆହୂତି ଦିଆଯାଇଥାଏ। କେହି କେହି ମନସ୍କାମନା ପାଇଁ ନଡ଼ିଆ ଭୋଗ ସମର୍ପଣ କରିଥାନ୍ତି।

ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ :
୯୪୩୭୨୫୭୧୨୩

# ଇକୋମାର୍କ କ'ଣ ? କାହିଁକି ଜରୁରୀ ?



ଡକ୍ଟର ତପନ କୁମାର ପାଳ

ରାତି ପାହିଲେ ଆମେ ବଜାରକୁ ଯାଉଛୁ। ଖାଇବା ଜିନିଷ ଠାରୁ ପନିପରିବା, ଠାକୁର ପୂଜା ସାମଗ୍ରୀ ଠାରୁ କପଡ଼ା ପତ୍ର, ପାଣି ବଟଲ ହେଉ ବା ହେଲମେଟ ଯେ କୌଣସି ଜିନିଷ ଆମେ କିଣୁ ଆମକୁ କେବଳ ଏହାର ବାହ୍ୟ ଚାକଚକ୍ୟ କ୍ଷେତ୍ରଟି ଆକର୍ଷିତ କରିଥାଏ। କିନ୍ତୁ ଏହା ଅସଲ କି ନିକଲି ? ଏଥିରେ ବିଶୁଦ୍ଧତା ଓ ନିରାପତ୍ତା ଜିନିଷ ସବୁ ଠିକ ରହିଛି କି ନାହିଁ ଆମେ ସେ ସମ୍ପର୍କରେ ପ୍ରାୟତଃ ଜାଣିବାକୁ ସେପରି ଇଚ୍ଛା କରିନଥାଉ। ଆମ ନିତିଦିନିଆ ଜୀବନରେ ଅନେକ ଲୋକ ଏହି କାରଣରୁ ଠକି ହୋଇଥିବା ଘଟଣା ଆମେ ଶୁଣିବାକୁ ପାଇଥାଉ। ଆମ୍ଭମାନଙ୍କର ସାମାନ୍ୟ ସଚେତନତା ଅଭାବରୁ ଆମେ ଠକି ହେବା ସାର ହୋଇଥାଏ। ଆମେ କିଣୁଥିବା ଉତ୍ପାଦର ଗୁଣମାନ ନେଇ ନିଶ୍ଚିତ ହେବାକୁ ସେଥିରେ ଅଇଏସଆଇ ମାର୍କ ବା ଚିହ୍ନ ଅଛି ନା ନାହିଁ ପରଖୁ। ଠିକ ସେମିତି ଆଜିକାଲି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣିବା ବେଳେ ଉତ୍ପାଦଟି କେତେ ଷ୍ଟାର ମାନ୍ୟତା ପାଇଛି ତାହା ଦେଖିବାକୁ ଭୁଲୁ ନାହୁଁ। ବର୍ତ୍ତମାନ ଉତ୍ପାଦ ଖରିଦ କରିବା ବେଳେ ଖାଉଟି ମାନଙ୍କୁ ଦେଖିବାକୁ ପଡ଼ିବ କି ତାହା ପରିବେଶ ଅନୁକୂଳ କି ନୁହେଁ। ଆଉ ଏହା ସୂଚାଇ ଦେବ ଇକୋଲେବଲ ବା ଇକୋମାର୍କ। ପ୍ରସ୍ତୁତିରୁ ଅଚଳ ବା ନଷ୍ଟ ହେବା ପର୍ଯ୍ୟନ୍ତ ପରିବେଶ ଉପରେ ଅତି କମ କୁପ୍ରଭାବ ପକାଉଥିବା ଯେ କୌଣସି ସାମଗ୍ରୀ ବା ଉତ୍ପାଦ ଚିହ୍ନଟ କରିବା ଲାଗି ଇକୋମାର୍କ ମଞ୍ଜୁର କରାଯାଇଥାଏ।

ଅନ୍ୟାନ୍ୟ ଦେଶର ସରକାରଙ୍କ ଭଳି ପରିବେଶର କ୍ଷତି କରୁ ନଥିବା ସାମଗ୍ରୀଗୁଡ଼ିକୁ ପ୍ରୋତ୍ସାହିତ କରିବା ଲାଗି ଭାରତ ସରକାର ମଧ ଖାଦ୍ୟ, ପ୍ରସାଧନ, ସାବୁନ, ଡିଟରଜେଣ୍ଟ ଓ ରଙ୍ଗ ଆଦି ଉତ୍ପାଦରେ ଇକୋମାର୍କ ଲେବୁଲ ଲଗାଇବା ପାଇଁ ବ୍ୟବସ୍ଥା କରୁଛନ୍ତି। ଏଥିପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ବିସ୍ତାରିତ ନିୟମାବଳୀ (ଇକୋ ମାର୍କ ରୁଲସ୍ ୨୦୨୫) ପ୍ରକାଶ କରିଛି। ଉତ୍ପାଦ ଉପରେ ଇକୋମାର୍କ ସଙ୍କେତ ରହିଲେ ଖାଉଟି କିଣୁଥିବା ଉତ୍ପାଦ ସମ୍ବନ୍ଧରେ ସବିଶେଷ ସୂଚନା ପାଇ ପାରିବେ। ସରକାରୀ ଭାବେ ଇକୋ ମାର୍କ ରୁଲସ ଭଙ୍ଗକାରୀଙ୍କ ବିରୁଦ୍ଧରେ ବ୍ୟାପକ ଓ କଠୋର କଡ଼ା ଆଇନର ବ୍ୟବସ୍ଥା ମଧ ରହିଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ ୨୦୨୧ରେ ସୁପ୍ରିମକୋର୍ଟଙ୍କ ଏକ ଚାରିଜଣିଆ ଡିଭିଜନ ବେଞ୍ଚ ଏ ପ୍ରସଙ୍ଗରେ ଇକୋ ମାର୍କର ସାଧୁତା, ସ୍ୱଚ୍ଛତା ସମ୍ପର୍କରେ ଖାଉଟି ମାନଙ୍କୁ ବ୍ୟାପକ ଭାବେ ତଥ୍ୟ ଭିତ୍ତିକ ସୂଚନା ଦେବା ସମ୍ପର୍କରେ ବ୍ୟାପକ ନିର୍ଦ୍ଦେଶାବଳୀ ଜାହିର କରିଥିଲେ।

ପରିବେଶ ଉପରେ ଅପେକ୍ଷାକୃତ କମ ପ୍ରତିକୂଳ ପ୍ରଭାବ ପକାଉଥିବା ଉତ୍ପାଦର ଚାହିଦା ବୃଦ୍ଧି କରିବା ହେଉଛି ଏହି ବ୍ୟବସ୍ଥା ଉଦ୍ଦେଶ୍ୟ। ଏହି ବ୍ୟବସ୍ଥା ସ୍ୱଚ୍ଛ ଶକ୍ତି ଉପଯୋଗ, ସମ୍ବଳର ସୁବିନିଯୋଗ, ସଂରକ୍ଷଣ, ଉତ୍ପାଦର ପୁନଃ ବ୍ୟବହାର ଓ ପୁନଃ ପ୍ରକ୍ରିୟାକରଣ ଇତ୍ୟାଦି ପ୍ରୋତ୍ସାହିତ କରେ। ଏହାଛଡ଼ା କୌଣସି ଉତ୍ପାଦ ପରିବେଶ ପାଇଁ କ୍ଷତିକାରକ ବୋଲି ହେଉଥିବା ଅପପ୍ରଚାର ବା ବିଭ୍ରାନ୍ତିକର ଦାବି ପ୍ରତିହତ କରିବାରେ ମଧ ଏହି ବ୍ୟବସ୍ଥା ସହାୟକ ହେବ। ଇକୋମାର୍କ ପାଇବା ଲାଗି ଯୋଗ୍ୟ ବିବେଚିତ ହେବାକୁ ଯେକୌଣସି ଉତ୍ପାଦ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ୍ର ଲାଇସେନ୍ସ ବା ସୁନିଶ୍ଚିତତା ପ୍ରମାଣପତ୍ର କରିଥିବା ବାଞ୍ଛନୀୟ। ଇକୋମାର୍କ ମଞ୍ଜୁରି ହାସଲ କରିବା ପାଇଁ ନିୟମାବଳୀ ପ୍ରସ୍ତୁତ କରାଯାଇଛି। ବର୍ଜ୍ୟ ସାମଗ୍ରୀ ଯଥାସମ୍ଭବ କମ ବା ହଟାଇବା ସହିତ ଏହି ଉତ୍ପାଦ ବାଷ୍ପ ଉତ୍ତାପ ଓ ଆଲୋକ ଇତ୍ୟାଦି ନିର୍ଗମନ ନକରି ପ୍ରଦୂଷଣ ହ୍ରାସ କରୁଥିବ। ଏହି ଉତ୍ପାଦ ପୁନଃ ବ୍ୟବହାର ଉପଯୋଗୀ ହୋଇପାରୁଥିବ ଅଥବା ପୁନଃବ୍ୟବହାର ଉପଯୋଗୀ ସାମଗ୍ରୀରୁ ନିର୍ମିତ ହୋଇଥିବ। ସେହିପରି ଏ ଉତ୍ପାଦ ଅଣ-ଅକ୍ଷୟଶକ୍ତି ସମ୍ବଳ ଓ ପ୍ରାକୃତିକ ସମ୍ବଳ ସମେତ ଅଣ-ଅକ୍ଷୟ ସମ୍ବଳ ଉପରେ ନିର୍ଭରଶୀଳତା ହ୍ରାସ କରୁଥିବା ଏହା ମଧ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ସାମଗ୍ରୀ ବ୍ୟବହାର ହ୍ରାସ କରାଉଥିବ। ଏହା ବ୍ୟତିରେକ, ଉତ୍ପାଦନ ପ୍ରକ୍ରିୟା, ପ୍ରାକୃତିକ ସମ୍ବଳ ବ୍ୟବହାର, ପରିବେଶୀୟ ପ୍ରଭାବ, ବର୍ଜ୍ୟ ନିର୍ଗମନ, ଉତ୍ପାଦ ବିନଷ୍ଟ ଓ ପ୍ୟାକେଜିଙ୍ଗ ଆଦି କଥା ବି ବିଚାରକୁ ନିଆଯିବ। ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ଼ ଜରିଆରେ କମ୍ପାନୀମାନେ ଇକୋମାର୍କ ପାଇଁ ଆବେଦନ କରିପାରିବେ। ଦରଖାସ୍ତ ପାଇବା ପରେ ବୋର୍ଡ଼ ନିଜେ ବା କାହାଦ୍ୱାରା ଉତ୍ପାଦ ଯାଞ୍ଚ କରାଇବ। ସବୁ ଠିକଠାକ ଥିଲେ ଇକୋମାର୍କ ମିଳିବ ଏବଂ ତାହା ତିନି ବର୍ଷ ପାଇଁ ବୈଧ ରହିବ।

ଇକୋମାର୍କ ମଞ୍ଜୁରି ପାଇଁ ରଙ୍ଗ, ପ୍ରସାଧାନ, ସାମଗ୍ରୀ, ବ୍ୟାଟେରି, ଖାଇବା ତେଲ, ଚା, କଫି, ଡିଟରଜେଣ୍ଟ ଓ କାଗଜ ସମେତ ୧୭ଟି ବର୍ଗର ଉତ୍ପାଦ ନିମନ୍ତେ ଯୋଗ୍ୟତା ନିରୂପଣ କରାଯାଇଛି। ସେଗୁଡ଼ିକ ହେଉଛି ଦେହଲଗା ପାଉଡର, ଦାନ୍ତଘଷା ପାଉଡର ଓ ପେଷ୍ଟ, ସ୍କିନ କ୍ରିମ, କେଶତୈଳ, ସାମ୍ପୁ, ଗାଧୁଆ ସାବୁନ, ହେୟାର କ୍ରିମ, ନେଲ ପଲିସ, ଆଫଟରସେଭ ଲୋସନ, ସେଭିଙ୍ଗ କ୍ରିମ, କସମେଟିକ ପେନସିଲ, ଲିପଷ୍ଟିକ ଭଳି ପ୍ରସାଧନ ସାମଗ୍ରୀ। ସେହିପରି, ଟେଲିଭିଜନ, ଫ୍ରିଜ, ଫୁଡ ମିକ୍ସର, ଗିଜର, ଇଲେକ୍ଟ୍ରିକାଲ/ ଷ୍ଟିମ ଆଇରନ, ଟୋଷ୍ଟର, କୁଲର ଓ ବୟନ ଉତ୍ପାଦ ବା ବସ୍ତ୍ର ଆଦି ଉତ୍ପାଦ ପାଇଁ ବି ଇକୋମାର୍କ ମଞ୍ଜୁର କରାଯାଉଛି। ମୂଳକଥା ହେଉଛି ଇକୋମାର୍କ ବ୍ୟବସ୍ଥା ଦ୍ୱାରା ଉତ୍ପାଦ ସାମଗ୍ରୀଟି କେତେ ମାତ୍ରାରେ ସୁରକ୍ଷିତ ଏବଂ ଏହାର କ୍ୱାଲିଟି ବା ଗୁଣବତ୍ତା ସମ୍ପର୍କରେ ବିଶେଷ ଭାବେ ସୂଚୀତ ହୋଇଥାଏ। ବଜାରରେ ଅନେକ ସାମଗ୍ରୀ ବିନା ଇକୋମାର୍କ ଦ୍ୱାରା ବିକ୍ରି ଅର୍ଥ ଏହା ପ୍ରଥମତଃ ଅପମିଶ୍ରଣର ସମ୍ଭାବନା ଏବଂ ଦ୍ୱିତୀୟତଃ ବଜାର ଜାଲିଆତି ସହ ଏମାନେ ଆୟକର ବିଭାଗ ଓ ସରକାରୀ ବ୍ୟବସ୍ଥା ଠାରୁ ଦୂରେଇ ଏକ ପ୍ରକାର ଗୋପନୀୟ କାରବାର କରିଥାନ୍ତି। ତେଣୁ ଇକୋମାର୍କ ବ୍ୟବସ୍ଥା ଦ୍ୱାରା ଖାଉଟି ସୁରକ୍ଷିତ ରହିବା ସହିତ ସରକାରଙ୍କ ଦୃଷ୍ଟି ଏହି ବ୍ୟବସ୍ଥା ଉପରେ ରହିଥାଏ। ଯାହାଦ୍ୱାରା ଯେ କେହି ବଜାରରେ ମିଳୁଥିବା ଯେ କୌଣସି ସାମଗ୍ରୀ ଉପରେ ସମ୍ଭବତଃ ନିରାପତ୍ତା ଓ ଗୁଣବତ୍ତା ପାଇଥାନ୍ତି।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ*
*କଲୋନୀ, ଦେଉଳ ସାହି, ତୁଳସୀପୁର,*
*କଟକ*

# କୁମ୍ଭ ସ୍ନାନର ମହତ୍ତ୍ୱ ଓ ବିଶେଷତ୍ୱ



ଯୁଧିଷ୍ଠିର ମହାରଣା

ସ୍ନାନ କାହିଁକି : ପବିତ୍ର କୁମ୍ଭ ସ୍ନାନ ପଛରେ ବହୁ ଗଭୀର ମହତ୍ତ୍ୱ ରହିଛି । ସମୁଦ୍ର ମନ୍ଥନ ସମୟରେ ଦେବତା ଓ ଅସୁରମାନେ ପରସ୍ପର ଏକତାର ବନ୍ଧନରେ ବାନ୍ଧି ହୋଇଥିଲେ । ଉକ୍ତ ମନ୍ଥନରୁ ନିଃସୃତ ଅମୃତ ପାନ କରି ଅମର ହେବା ସୂଚନା ଥିବାରୁ ଉଭୟ ଦେବତା ଓ ଅସୁରମାନେ ଏହି ଅମୃତ କୁମ୍ଭକୁ ଛଡ଼ାଛଡ଼ି କରିଥିଲେ । ଏହାଫଳରେ ବିଭିନ୍ନ ସ୍ଥାନରେ କିଛି କିଛି ଅମୃତ ଢ଼ାଳି ହୋଇଯାଇଥିଲା, ଯାହାକୁ ଭିତ୍ତିକରି ଅମୃତ ପ୍ରାପ୍ତି ଉଦ୍ଦେଶ୍ୟରେ ସେହି ସେହି ସ୍ଥାନଗୁଡ଼ିକରେ କୁମ୍ଭ ସ୍ନାନର ଏହି ମହାପର୍ବ ପାଳିତ ହୋଇଆସୁଛି । କୁମ୍ଭ ସ୍ନାନର ପୌରାଣିକ ତାତ୍ପର୍ଯ୍ୟ : ସାଗର ମନ୍ଥନରୁ ମିଳିଥିବା ଅମୃତ କଳସ ପାଇବା ପାଇଁ ଦେବତା ଓ ରାକ୍ଷସମାନଙ୍କ ମଧ୍ୟରେ ମହାସଂଗ୍ରାମ ସୃଷ୍ଟି ହୋଇଥିଲା । ଶେଷରେ ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତିଙ୍କ ଦାୟିତ୍ୱରେ ସେହି ଅମୃତ କଳସକୁ ଛାଡ଼ି ଦିଆଗଲା । ଏହି ତିନି ଦେବ ଅସୁରଙ୍କୁ ଲୁଚାଇ ଅମୃତ କଳସ ନେଇଗଲେ । ତେଣୁ ଯେଉଁ ରାଶିରେ ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତି ଗତି କରୁଥିଲେ ସେହି ହିସାବରେ ପୃଥିବୀର ଯେଉଁ ଅଂଶରେ ସେମାନଙ୍କର ବିଶେଷ ଦୃଷ୍ଟି ଥିଲା ତାହା କୁମ୍ଭ ଯୋଗ ରୂପେ ପରିଗଣିତ ହେଲା । ଦେବଦାନବ ବିବାଦ ସମୟରେ ପୃଥିବୀର ଯେଉଁ ଭାଗରେ ଯେଉଁ ସମୟରେ ଅମୃତ କଳସର ଛିଟିକା ପଡ଼ିଥିଲା ସେହି ସମୟକୁ ସେହି ସ୍ଥାନର କୁମ୍ଭ ଯୋଗ କୁହାଗଲା । କୁମ୍ଭଯୋଗ : ହରିଦ୍ୱାର, ପ୍ରୟାଗ (ଧାରାନଗରୀ), ଉଜ୍ଜୟିନୀ ଓ ଗୋଦାବରୀ ତଟ (ତ୍ରୟମ୍ବକ) - ଏହି ଚାରି ସ୍ଥାନରେ ମହା କୁମ୍ଭମେଳା ହେବାର ବର୍ଣ୍ଣନା ଅଛି, କିନ୍ତୁ ଏହାର ସମୟ ଓ ସ୍ନାନ ଯୋଗ ସ୍ୱତନ୍ତ୍ର । ଏହି ପ୍ରସିଦ୍ଧ ତୀର୍ଥସ୍ଥଳୀଗୁଡ଼ିକରେ ପ୍ରତି ୧୨ବର୍ଷ ପରେ ପଡୁଥିବା ମହାକୁମ୍ଭ ଯୋଗ ମହାନ୍ ଶୁଭ ଫଳଦାୟକ ହୋଇଥାଏ । ବୃହସ୍ପତି ଥରେ ରାଶିଚକ୍ର ଭ୍ରମଣ କରିବା ପାଇଁ ହାରାହାରି ୧୨ରୁ ୧୩ ବର୍ଷ ସମୟ ନେଇଥାନ୍ତି । ଯେଉଁଥିପାଇଁ ପ୍ରତି ୧୨ ବର୍ଷରେ ଏକ ଯୁଗ୍ମ ସଂଗଠିତ ହୋଇଥାଏ ଏବଂ ଏହି ସ୍ନାନ ପ୍ରତି ୧୨ ବର୍ଷରେ ପୁନରାୟ ପାଳିତ ହୋଇଥାଏ ।କୁମ୍ଭ ସ୍ନାନର ସାମାଜିକ ତାତ୍ପର୍ଯ୍ୟ : କୁମ୍ଭର କଳ୍ପନା ଏବଂ ଆଖ୍ୟାନ ସହିତ ପ୍ରଥମରୁ ଏକତାର ଭାବନା ସଂଶ୍ଲିଷ୍ଟ । ଦେବତା ଓ ରାକ୍ଷସ ଦୁଇ ବିପରୀତ ବିଚାରଧର୍ମୀଙ୍କ ମଧ୍ୟରେ ଅମୃତପ୍ରାପ୍ତି ଉଦ୍ଦେଶ୍ୟରେ ଦିନେ ଏକ ମହାନ୍ ଏକତା ଦେଖାଦେଇଥିଲା । ଯାହା ଆଜି ମଧ୍ୟ ଆମକୁ ପ୍ରେରଣା ଦିଏ ଯେ ଏକ ମହତ୍ ଉଦ୍ଦେଶ୍ୟ ପାଇଁ ବହୁ କ୍ଷୁଦ୍ରତର ସ୍ୱାର୍ଥର ବଳି ଦିଆଯାଇପାରେ । ଆମ ସଂସ୍କୃତିକୁ ଏହ ଅତ୍ୟନ୍ତ ପ୍ରଭାବିତ କରିଥିବାରୁ 'ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ'ର ଗାଥା ଆଜି ମଧ୍ୟ ପୃଥିବୀକୁ ଅବିଦିତ ନୁହେଁ । ପୁନଶ୍ଚ ଅମୃତ କୁମ୍ଭରୁ ଉଦ୍ଧାର କରାଯାଇଥିବା ଅମୃତ ପାନକରି ଦେବତାମାନେ ବଳଶାଳୀ ହୋଇଥିଲେ । ସେହିପରି ଏହି ପୂର୍ଣ୍ଣ ତୀର୍ଥରେ ସ୍ନାନକରି ମନୁଷ୍ୟ ଭିତରେ ଥିବା ଦେବତ୍ୱ ପ୍ରକାଶ ଉଦ୍ଦେଶ୍ୟରେ ଏହି ସ୍ନାନର ମହତ୍ୱ ଅତ୍ୟଧିକ । ସେଥିପାଇଁ ମନୁଷ୍ୟକୁ 'ଅମୃତସ୍ୟ ପୁତ୍ରଃ' କୁହାଯାଇଛି । ଧର୍ମ, ଅର୍ଥ, କାମ, ମୋକ୍ଷ ଏହି ଚାରି ବିଭାବରୁ ଯିଏ ଗୋଟିଏ ବି ବିଭାବ ଅର୍ଜନ କରିନପାରେ ତା' ଜୀବନ ନିରର୍ଥକ । ଏହାମଧ୍ୟରୁ ଅର୍ଥ ଓ କାମ ଲୌକିକ ଏବଂ ଧର୍ମ ଓ ମୋକ୍ଷ ପାରଲୌକିକ ଶ୍ରେଷ୍ଠତା ପାଇଁ ଉଦ୍ଦିଷ୍ଟ । ଶାସ୍ତ୍ରଗୁଡ଼ିକରେ ଯେଉଁଠାରେ କୁମ୍ଭର ବର୍ଣ୍ଣନା କରାଯାଉଛି ସେଠାରେ ଏହି ଚାରି ପଦାର୍ଥର ପ୍ରାପ୍ତି ଉଲ୍ଲେଖ କରାଯାଇଛି । ମହାକୁମ୍ଭପର୍ବ ଓ ଏହାର ସ୍ନାନ ଏହି ଚତୁର୍ବର୍ଗ ଫଳ ପ୍ରଦାନ କରିଥାଏ । ଧର୍ମ ସମସ୍ତ ଶ୍ରେଷ୍ଠତାର ମୂଳ ଏବଂ ଜଗତରେ ସମସ୍ତ ଚଳଚଞ୍ଚଳ ଥିବାବେଳେ ଧର୍ମ ହିଁ ଏକମାତ୍ର ନିଶ୍ଚଳ ।କୁମ୍ଭ ପର୍ବରେ ବିଧିବିଧାନ ପୂର୍ବକ ସ୍ନାନ, ଦାନ ଆଦି କଲେ ଶତ ଅଶ୍ୱମେଧ ଯଜ୍ଞର ପୁଣ୍ୟ ପ୍ରାପ୍ତି ହୁଏ । ପରଲୋକ ମୁକ୍ତି ହୁଏ ଏବଂ ଜୀବନର ସମସ୍ତ ବାସନା ପୂରଣ ହୋଇ ସୁଖ ସମୃଦ୍ଧି ପ୍ରାପ୍ତି ହୋଇଥାଏ । ଯେଉଁ ବ୍ୟକ୍ତି କୁମ୍ଭ ମହାପର୍ବରେ ସମ୍ମିଳିତ ହୋଇ ସ୍ନାନ କରେ ସେ ସଂସାର ବନ୍ଧନରୁ ମୁକ୍ତ ହୋଇ ଅମୃତତ୍ୱ ପ୍ରାପ୍ତ ହୁଏ । ତାହା ସମ୍ମୁଖରେ ଦେବତାଗଣ ନତମସ୍ତକ ହୁଅନ୍ତି ଯେପରି ଧନାଢ଼୍ୟ ବ୍ୟକ୍ତି ସମ୍ମୁଖରେ ନିର୍ଦ୍ଧନ ଶିରନତ କରିଥାଏ ।

କୁମ୍ଭ ସ୍ନାନର ଐତିହାସିକ ତାତ୍ପର୍ଯ୍ୟକୁମ୍ଭ ସ୍ନାର ଐତିହାସିକ ପୃଷ୍ଠଭୂମି ଖୋଜିବସିଲେ ଗୁପ୍ତଯୁଗରୁ (୩୨୦ ଖ୍ରୀ.ଅ. - ୬୨୦ ଖ୍ରୀ.ଅ.) ବିଶେଷକରି ହର୍ଷବର୍ଦ୍ଧନଙ୍କ ସମୟରୁ (୬୧୨ ଖ୍ରୀ.ଅ. - ୬୪୭ ଖ୍ରୀ.ଅ.) ଗଡ଼ଡାଳିକା ପ୍ରବାହରେ ଅଦ୍ୟାବଧି ଗଡ଼ି ଆସିଥିବାର କେତକ ତଥ୍ୟ ମିଳେ । ଚୀନ୍ ପରିବ୍ରାଜକ ହୁଏନସାଂ ମଧ୍ୟ ଏଇ ସ୍ନାନ ସମ୍ପର୍କରେ କେତେକ ତଥ୍ୟ ପ୍ରଦାନ କରିବାକୁ ଭୁଲି ନାହାନ୍ତି । ସେ କୁହନ୍ତି ଯେ ରାଜାମାନେ ଦୀର୍ଘ ବର୍ଷ ବର୍ଷ ଧରି ଏ ଅବସରରେ ବ୍ରାହ୍ମଣ, ଜ୍ଞାନୀ, ସାଧୁସନ୍ଥ, ଅସହାୟ ଓ ଦରିଦ୍ରମାନଙ୍କୁ ଦାନ କରିବା ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ସୃଷ୍ଟି କରୁଥିଲେ ଏବଂ ଏହି ପବିତ୍ର ସ୍ନାନ ଅବସରରେ ସ୍ନାନାନ୍ତେ ସେମାନେ ଏ ସମ୍ପତ୍ତିମାନ ଦାନ କରି ଆନନ୍ଦ ଅନୁଭବ କରୁଥିଲେ । ଏପରିକି ସମ୍ରାଟ ହର୍ଷବର୍ଦ୍ଧନ ମଧ୍ୟ ଏଥିରୁ ବାଦ୍ ପଡୁନଥିଲେ । ସେ ପ୍ରତି ୫/୬ ବର୍ଷରେ ଥରେ ଏହି ତୀର୍ଥରେ ସନାତନ ଧର୍ମାବଲମ୍ବୀ ବିଦ୍ୱାନମାନଙ୍କର ସମ୍ମିଳନୀ କରୁଥିଲେ, ଯେଉଁଥିରେ ବିଶେଷ ଭାବରେ ଧର୍ମଚର୍ଚ୍ଚା ଓ ଦାନଧର୍ମ କରାଯାଉଥିଲା । ସେଥିରୁ କୁମ୍ଭର ସୂତ୍ରପାତ ହେଲା ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ*

# କାହିଁକି କୁମ୍ଭମେଳା ?



ଶ୍ରୀକାନ୍ତ କୁମାର ସାହୁ

କୁମ୍ଭମେଳାରେ ଏଯାବତ୍ ୪୫ କୋଟିରୁ ଊର୍ଦ୍ଧ୍ୱ ଲୋକ ବୁଡ଼ ପକାଇ ସାରିଲେଣି। କୁମ୍ଭମେଳା ବାସ୍ତବରେ କଥାରେ ନାହିଁ 'ଦେଉଳ ଗଢ଼ିଲେ ନାମ, ବାଟରେ ହଗିଲେ ନାମ...' ଅର୍ଥାତ୍ ସମସ୍ତେ ଯେ ଧର୍ମ କରିବାକୁ ଯାଉଛନ୍ତି ତାହା ନୁହଁ। ଏଇ ଯେମିତି କୁମ୍ଭମେଳାରେ ଏକ ପାଞ୍ଚ ଜଣିଆ ଚୋର ନାଗପୁରରୁ ଚୋରୀ କରି ପ୍ରୟାଗରାଜରେ କୁମ୍ଭସ୍ନାନ, ଗଙ୍ଗା ଆରତୀ ଆଉ ମହଙ୍ଗା ହୋଟେଲରେ ଖାଦ୍ୟ ଖାଇ ଚୋରି ଟଙ୍କା ଉଡାଇଛନ୍ତି ଆଉ ନାଗପୁର ପୋଲିସ ସେମାନଙ୍କୁ ଗିରଫ ମଧ୍ୟ କରିଛି। ସେହିପରି କୁମ୍ଭମେଳାରେ ଅନେକ ଚୋରି ଓ ଅସାମାଜିକ ଘଟଣା ମଧ୍ୟ ଘଟୁଛି। କୁମ୍ଭମେଳା ପ୍ରୟାଗରାଜରେ ଅନୁଷ୍ଠିତ ହେଉଛି। ଆସ୍ଥା ଓ ବିଶ୍ୱାସର ଏକ ବଡ଼ ମେଳା। ଆମେ ଯାହା ଜାଣିଛୁ କୁମ୍ଭ ହେଉଛି ଗୋଟିଏ ପାତ୍ର ବା ଜଳ ପ୍ରବାହର ପ୍ରତୀକ। ମୋ ବଂଶଜ ଓ ପୂର୍ବ ପିଢ଼ି କୁମ୍ଭକାର ସମ୍ପ୍ରଦାୟର ହୋଇଥିବାରୁ ଆମ ମାନଙ୍କ ପାଇଁ କୁମ୍ଭ ଶବ୍ଦଟି ଅତି ଚିର ପରିଚିତ ଓ କୁମ୍ଭ ସହିତ ଆମର ଏକ ପ୍ରକାର ରକ୍ତଗତ ସମ୍ପର୍କ ଅଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରୟାଗରାଜରେ ଯେଉଁ କୁମ୍ଭମେଳା ହେଉଛି ସେଠି ବୁଡ଼ ପକାଇଲେ ଶ୍ରଦ୍ଧାଳୁ ମାନଙ୍କର ମୋକ୍ଷ ପ୍ରାପ୍ତି ବୋଲି ମୁଁ ଲେଖା ମାଧ୍ୟମରେ ଜାଣିବାକୁ ପାଉଛି। ମୋ ଆଲୋଚନାରେ କୁମ୍ଭ ଅମୃତ କୁମ୍ଭ ବି ହୋଇପାରେ ଏବଂ ଏହା ବିଷ କୁମ୍ଭ ବି ହୋଇପାରେ। ମହାକୁମ୍ଭମେଳାରେ ଅନେକ ଲୋକ ଆଶୀର୍ବାଦ ପାଉଛନ୍ତି। ଜୀବନକୁ ଗଢ଼ିବାକୁ ନୂଆ ପ୍ରତିଜ୍ଞା ବା ଶପଥ ନେଉଛନ୍ତି। ତେବେ ଏ ସବୁ ଭିତରେ କୁମ୍ଭମେଳାରେ ଦଳା ଚକଟା ହେଉ ବା ଅଗ୍ନିକାଣ୍ଡ ଘଟଣା, ଏପରିକି କୁମ୍ଭମେଳାକୁ ଯାଉଥିବାବେଳେ ଓ ଫେରୁଥିବାବେଳେ ଦୁର୍ଘଟଣାରେ ମଧ କିଛି ଶ୍ରଦ୍ଧାଳୁଙ୍କ ଜୀବନହାନୀର ଖବର ଆମେ ଜାଣିବାକୁ ପାଉଛୁ। ବର୍ତ୍ତମାନ ମହାକୁମ୍ଭକୁ ନେଇ ସମଗ୍ର ଭାରତର ନଗର ପୁରପଲ୍ଲୀ ଏବଂ ହିନ୍ଦୁ ଧର୍ମାବଲମ୍ବୀଙ୍କ ଭିତରେ ଏକ ପ୍ରକାର ଅଭୂତପୂର୍ବ ଆଧାତ୍ମିକ ଶିହରଣ ସୃଷ୍ଟି କରିଛି। ଏହାକୁ ପୃଥିବୀର ସର୍ବବୃହତ୍ତ ଜନସମାଗମ ଭାବରେ ମଧ କୁହାଯାଉଛି। ଚଉରାଳିଶ ଦିନ ବ୍ୟାପୀ ଏହି ମହାକୁମ୍ଭ ୧୪୪ ବର୍ଷ ପରେ ପଡୁଥିବାରୁ ୪୦ କୋଟି ପାଖାପାଖି ଶ୍ରଦ୍ଧାଳୁଙ୍କ ଆତ ଯାତ ହେଉଛି। ଏଠି ସମସ୍ତେ ଯେ ଶ୍ରଦ୍ଧାଳୁ ବା ସାଧୁସନ୍ଥ ତାହା ନୁହଁ। କିଛି ଅନିସନ୍ଧିତ୍ସୁ ରହିଛନ୍ତି, କିଛି ଆଗ୍ରହୀ ଉତ୍ସାହୀ, ସାମ୍ବାଦିକ, ସେଲିବ୍ରେଟି, ଧର୍ଣ୍ଣାଢ଼୍ୟ ବ୍ୟକ୍ତି, ଚଳଚ୍ଚିତ୍ର ନିର୍ମାତା, ରୋମାଞ୍ଚ ଅଭିଳାଷୀ ଏପିରିକି ସୁଯୋଗ ସନ୍ଧାନେ ଅପରାଧୀମାନେ ମଧ ଏହି ବାତାବରଣ ଭିତରେ ନିଜକୁ ସାମିଲ କରିଛନ୍ତି। ଆମେ ଯାହା ଜାଣିବାକୁ ପାଇଲୁ ଏହି ବିଶାଳ ମେଳାରେ ୨ଲକ୍ଷ କୋଟି ଟଙ୍କାର ବେପାର ବଣିଜ ହେବ। ସେହିପରି ଅନେକ ବିବାଦୀୟ, ସେଲିବ୍ରେଟି ଓ ତଥାକଥିତ ଆଧାତ୍ମିକ ପ୍ରଚାରକମାନେ ମଧ ଏହାର ସୁଯୋଗ ନେଉଛନ୍ତି। କାରଣ ସେଲିବ୍ରେଟି, ଭିଭିଆଇପି ଓ ଟଙ୍କାବାଲା ଲୋକଙ୍କ ପାଇଁ ନିରାପଦ ଓ ସୁଖଦ ଗଙ୍ଗା ସ୍ନାନ ସମ୍ଭବ ହେଉଥିବାବେଳେ ସାଧାରଣ ଲୋକଟି ପାଖାପାଖି ୧୫ କିଲୋମିଟର ପର୍ଯ୍ୟନ୍ତ ପାଦରେ ଚାଲିବାକୁ ବାଧ ହେଉଛି। ସେହିପରି ଯେଉଁପରି ପ୍ରଚାର ହେଉଛି ବାସ୍ତବିକ ସେପରି ଭିତ୍ତିଭୂମି ମଧ ସେଠାରେ ତିଆରି ହୋଇପାରି ନାହିଁ। ଶ୍ରଦ୍ଧାଳୁଙ୍କ ପାଇଁ କେବଳ ରହଣୀ ନୁହେଁ, ବ୍ୟାପକ ସୁବିଧା ସୁଯୋଗ ସହ ଜାଣିବା ନିମିତ୍ତ ମଧ ସେପରି ସୂଚନା ନାହିଁ। ଆମ ସମାଜର ଆଧାତ୍ମିକ ଦିଗ ଅତ୍ୟନ୍ତ ସ୍ପର୍ଶକାତର। ଆମେ ସାଧାରଣ ଜୀବନରେ ଦେଖିଛେ ବିଶ୍ୱାସ ଏପରି ଏକ ଶବ୍ଦ ସେହି ବିଶ୍ୱାସ ହିଁ ବାସ୍ତବରେ ଭଗବାନ। ପଥରଟି ରଖିଦେଲେ ଏହାମଧ ଠାକୁର ପାଲଟିଯାଏ, ତୁଳସୀ ଧଣ୍ଡା ବା ବେଲପତ୍ର ହିଁ ମଧ ଆଶୀର୍ବାଦର ଓ କୃପା ସୁରକ୍ଷାର କବଚ ପାଲଟିଯାଏ। ତେବେ ଗୋଟିଏ ଛୋଟିଆ ପ୍ରଶ୍ନ ମୋ ମନକୁ ଆନ୍ଦୋଳିତ ହେଉଛି। ସତରେ କୁମ୍ଭମେଳାରେ ବୁଡ଼ ଦେଉଥିବା ଲୋକମାନେ ବାସ୍ତବରେ ମୋକ୍ଷ ପାଇଯାଆନ୍ତି ? କୁମ୍ଭମେଳା ହେଉଛି ପବିତ୍ର ନଦୀ ସଙ୍ଗମ ସ୍ଥଳରେ ସ୍ନାନ। ତେବେ ଆମ ମାନଙ୍କ ଆଖାପାଖରେ ଅନେକ ନଦୀ ସଙ୍ଗମ ସ୍ଥଳ ରହିଥିଲେ ବି ଏହାର ସୁଯୋଗ କ'ଣ ପାଇଁ ଲୋକମାନେ ନେଉନାହାଁନ୍ତି। ଜଣେ ଯେତେ ପାପ ଓ ଦୋଷ ବା ଅପରାଧ କରନା କାହିଁକି କୁମ୍ଭରେ ବୁଡ଼ ଦେଇ ସେ ଲୋକଟି ପରବର୍ତ୍ତୀ ସମୟରେ ଯେ ଜଣେ ସାଧୁ ପାଲଟିଯିବ ଏପରି ଗ୍ୟାରେଣ୍ଟି କିଏ ଦେଇ ପାରିବ ? ମୁଁ ଯେତିକି ଜାଣିଛି କୁମ୍ଭମେଳା ପାଇଁ ଯାତାୟାତ, ରହଣୀ ଏ ସବୁ ଯେତିକି ସମୟ ସାପେକ୍ଷ ସେତିକି ଖର୍ଚ୍ଚ ସାପେକ୍ଷ ମଧ। ତେବେ ଏତେ କଷ୍ଟକରି କୁମ୍ଭକୁ ଯିବା ଅପେକ୍ଷା ନିଜ ଜୀବନକୁ ସେବା କାର୍ଯ୍ୟରେ ଅତିବାହିତ କ'ଣ ଜଣେ କୁମ୍ଭପରି ମୋକ୍ଷ ପାଇପାରିବ ନାହିଁ ? ଭାରତ ବର୍ଷରେ ଏହା ପୂର୍ବରୁ ଅନେକ କୁମ୍ଭମେଳା ଅନୁଷ୍ଠିତ ହୋଇସାରିଲାଣି। ମୁଁ ଏହି କୁମ୍ଭମେଳାକୁ ସମାଲୋଚନା କରୁନାହିଁ କିମ୍ବା ଶ୍ରଦ୍ଧାଳୁ ମାନଙ୍କ ପ୍ରତି ମୋର କୌଣସି ସମାଲୋଚନା କି ସେମାନଙ୍କର ଧର୍ମୀୟ ଭାବନା ପ୍ରତି କୁଠାରଘାତ କରୁନାହିଁ। ନିଇତି ପରିଶ୍ରମ କରି ଗଣ୍ଡାଏ ଦାନା କନା ଯୋଗାଡ଼ କରିବାକୁ ଅସମର୍ଥ ହୋଇଯାଉଥିବା ଲୋକଟି ପାଇଁ କୁମ୍ଭମେଳାର ଅର୍ଥ ବା କ'ଣ ? ଦଳା ଚକଟାରେ ଜୀବନ ଯାଉଥିବା ଶ୍ରଦ୍ଧାଳୁଟି ପ୍ରତି ଯଦି ଧର୍ମଗୁରୁ ମନ୍ତବ୍ୟ ଦିଅନ୍ତି ଯେ ତାର ମୋକ୍ଷ ହୋଇଗଲା ତାହାହେଲେ ଯେ କେହି ବି ପ୍ରଶ୍ନ କରିବ ସେ ଧର୍ମଗୁରୁ ମୋକ୍ଷ ହେବା ସ୍ଥାନରେ ନିଜେ କାହିଁକି ତାର ସୁଯୋଗ ନେଉନାହାଁନ୍ତି। ତେଣୁ କୁମ୍ଭମେଳା କର୍ମ ଜୀବନର କୁମ୍ଭ ହେବ। କେବଳ ବିଶ୍ୱାସ କରି ପ୍ରୟାଗରାଜରେ ଅମୃତ ଛିଞ୍ଚି ହୋଇଯିବାର ଶ୍ରଦ୍ଧା ପାଇଁ ଏକତ୍ର ନହୋଇ କର୍ମ ଓ ଜୀବନବାଦୀ ହେବା ହିଁ ଅସଲ କୁମ୍ଭମେଳାର ଅନ୍ତର୍ନିହିତ ତାତ୍ପର୍ଯ୍ୟ।

*ବିଡ଼ାନାସୀ, ନୂଆସାହି, କଟକ,*
*ଦୂରଭାଷ ୭୦୦୮୩୨୫୭୩୧*




# ନିଜ ଜୀବନ ନିଜ ହାତରେ, ସଡ଼କ ସୁରକ୍ଷା ସଚେତନତା ସପ୍ତାହ ୨୦୨୫ ଉଦ୍‌ଘାଟିତ

ନୂଆପଡ଼ା,(ପି.ଏନ) : ସଡକ ସୁରକ୍ଷା ସଚେତନତା ସପ୍ତାହ ତଥା ଏକ ମାସ ବ୍ୟାପି ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସମଗ୍ର ନୂଆପଡ଼ା ଜିଲ୍ଲାରେ ପାଳିତ ହେବ କ୍ଷ ଏହାର ପ୍ରଥମ ତଥା ଉଦଘାଟନୀ ଦିବସ କାର୍ଯ୍ୟକ୍ରମ ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର , ଅତିରିକ୍ତ ଜିଲ୍ଲାପାଳ ଭିମସେନ୍ ଶବର, ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଡି ଏଫ୍ ଓ ମହାଦେବ ବଡ଼ାଇକ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଉମାକାନ୍ତ ମେହେର ପ୍ରମୁଖ ଯୋଗଦାନ କରି ଥିଲେ କ୍ଷ ଆଞ୍ଚଳିକ ପରିବହନ ଅଧିକାରୀ ରାମ ସିଂ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ କ୍ଷ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସଡକ ସୁରକ୍ଷା ଉପରେ ଅନେକ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଦୁର୍ଘଟଣା ମୃତ୍ୟୁକୁ ଶୂନ କରିବା ଲକ୍ଷ୍ୟ ହାସଲ କରିବା



ଉପରେ ବିଶେଷ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀ ତଥା ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ କ୍ଷ ଘରୁ ବାହାରକୁ ବାଇକ୍ ନେଇ ବାହାରିବା ମାତ୍ରେ ସଙ୍ଗରେ ହେଲମେଟ ନେବାପାଇଁ ସମସ୍ତେ ଯତ୍ନବାନ ହେବେ କ୍ଷ ବାପାମା ଭୁଲ୍ ରେ ବି ନାବାଳକ ମାନଙ୍କୁ ଗାଡ଼ି ମଟର ଚଳାଇବା ପାଇଁ ଅନୁମତି ଦିଅନ୍ତୁ ନାହିଁ କ୍ଷ ଏହି ଅବସରରେ ଜିଲ୍ଲାପାଳ ସମସ୍ତଙ୍କୁ ସଡକ ସୁରକ୍ଷା ଶପଥ ପାଠ କରାଇଥିଲେ ଓ ସ୍ଲୋଗାନ ରଖିଥିଲେ ନିଜ ଜୀବନ ନିଜ ହାତରେ କ୍ଷ ଆର ଟି ଓ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରା ଓ ସଚେତନତା ରଥକୁ ଜିଲ୍ଲାପାଳ ଏବଂ ଅତିଥି ମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାରେ ନେସନାଲ ହାଇସ୍କୁଲ ର ଛାତ୍ର ଓ ବାଳିକା ବିଦ୍ୟାଳୟର ଛାତ୍ରୀ ମାନେ ସଚେତନତା ବାର୍ତା ପ୍ଲାକାର୍ଡ ପ୍ରଦର୍ଶନ କରି ସହର ପରିକ୍ରମା କରିଥିଲେ କ୍ଷ ଏଥିରେ ଅତିଥି ମାନଙ୍କ ସହିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଥିଲେ କ୍ଷସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନ ଅବସରରେ ସମସ୍ତ ବ୍ଲକ ତଥା ଏନ୍ ଏ ସି ଅଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ କ୍ଷ ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରାଯିବ କ୍ଷ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍ ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ କରାଯାଇ ଉଦଯାପନୀ ଦିବସରେ କୃତୀ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯିବ କ୍ଷ ଏହି ସପ୍ତାହ ୦୫ ତାରିଖରେ ଆର୍ ଟି ଓ ଅଫିସ୍ ରେ ଏକ ରକ୍ତଦାନ ଶିବିର ଅୟୋଜନ କରାଯିବ କ୍ଷ ସଡ଼କ ଦୁର୍ଘଟଣା ସମୟରେ ଓ ପରେ କିପରି ଭାବେ ଆହତ ବ୍ୟକ୍ତି ର ତୁରନ୍ତ ଆଶୁ ଚିକିତ୍ସାର ବ୍ୟବସ୍ଥା ହୋଇପାରିବ ସେଥିପାଇଁ ରକ୍ଷକ ଯୋଜନା ଅଧୀନରେ ପଥପ୍ରାନ୍ତ ପ୍ରାଥମିକ ଚିକିତ୍ସା ଟ୍ରେନିଂ ଆୟୋଜନ କରାଯିବ କ୍ଷ ୦୭ ତାରିଖରେ ସପ୍ତାହ ଉଦଯାପନୀ ଦିବସରେ ନୂଆପଡ଼ା ସହରରେ ଏକ ବାଇକ୍ ରେଲି ସହିତ ଆର୍ ଟି ଓ କାର୍ଯ୍ୟାଳୟରେ ଏକ ସଚେତନତା ସଭା ଆୟୋଜନ କରାଯିବ । ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବସ ସଙ୍ଘ କର୍ମକର୍ତ୍ତା, ସାମ୍ବାଦିକ ତଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଦୈନିକ ଖବର କାଗଜର ଆଗେଇବାର ଲୋକାର୍ପଣ ଉତ୍ସବ

ତାଳଚେର, (ପି.ଏନ) : ରାଜ୍ୟ ଶିଳ୍ପନଗରୀ ଭାବେ ପ୍ରସିଦ୍ଧ ଲାଭ କରିଥିବା ତାଳଚେରରୁ ପ୍ରକାଶ ପାଇଥିବା ସାପ୍ତାହିକ ଖବର କାଗଜ ଆଗେଇ ଏବେ ଦୈନିକ ହେବାପରେ ଆଜି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ହାଟତୋଟା ସ୍ଥିତ ପ୍ରେସ୍ କ୍ଲବ ଠାରେ ଏହା ଲୋକାର୍ପଣ ଉତ୍ସବ ପାଳିତ ହୋଇଛି । ସାମ୍ବାଦିକ ଦେବୀମିଶ୍ରଙ୍କ ସଭାପତିତ୍ୱରେ ପ୍ରେସକ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, କଂଗ୍ରେସ୍ ନେତା କେଶବ ଭୂତିଆ, ପର୍ଜଙ୍ଗ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ଆମପ୍ରତିଭା ଆମପରିଚୟର ସଭାପତି ଇଂ ରମେଶ ଚନ୍ଦ୍ର ବେହେରା ଓ ଆଗେଇବାର ପରିଚାଳନା ସମ୍ପାଦକ ଗଦାଧର ସାହୁ ମଂଚାସିନ ଥିଲେ । ଏହି ଆଗେଇବାର ସମ୍ପାଦକ ତଥା ପୂର୍ବତନ ଢ଼େଙ୍କାନାଳ ସାଂସଦ ମହେଶ ସାହୁ କାହିଁକି ଆଗେଇବାର ପରିକଳ୍ପନା କରାଯାଇଥିଲା



। ବିଶେଷକରି ସମସ୍ୟା ବହୁଳ ତାଳଚେରରୁ ଏହାର ଆରମ୍ଭ ସମ୍ପର୍କରେ ନିମନ୍ତ୍ରିତ ଅତିଥିଙ୍କୁ ବଖାଣିଥିଲେ । ଏବଂ ତାଳଚେର ଆଜିର ଦିନରେ ଦେଶସହ ମିଶି ସ୍ୱାଧୀନ ଭାରତରେ ସାମିଲ ହୋଇଥିବାରୁ ଆଜି ତାଳଚେରରେ ସ୍ୱାଭିମାନ ଦିବସ ପାଳନ କରାଯାଇଛି । ଅନ୍ୟତମ ନିମନ୍ତ୍ରିତ ଅତିଥି ସୁଶ୍ରୀ ଶୋଭାଗିନୀ ଦେବୀ, ରଶ୍ମିରଞ୍ଜନ ମିଶ୍ର, ଅଧ୍ୟାପକ ସନାତନ ସାହୁ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ନିଜର ମତାମତ ପ୍ରଦାନ କରିଥିଲେ । ଆଗେଇବାର ପ୍ରତିଷ୍ଠାତା ସ୍ୱର୍ଗତ ନିମାଣ ଚରଣ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରୋବ ପ୍ରାର୍ଥନା କରାଯାଇଥିଲା । ଶେରେ ଗଦାଧର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବିଦ୍ୟାଳୟ ପାଲଟିଛି ଧାନ ଖଳା, ଗଚ୍ଛିତ ରହିଛି ଡୁଲି ଡୁଲି ଧାନ

ତେଲକୋଇ,(ପି.ଏନ) : ତେଲକୋଇ ବ୍ଲକର ଉପାନ୍ତ ତାଳପଦା ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି ।ତାଳପଦା ଗ୍ରାମରେ ଥିବା ପି. ଟି. ଜି. ଏସ ଉଚ୍ଚ ବିଦ୍ୟାଳୟ ଏବେ ଧାନ ଖଳାରେ ପରିଣତ ହୋଇଛି । ଛାତ୍ର ଛାତ୍ରୀ ଙ୍କ ବିକାଶ ପାଇଁ କୋଟି କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହୋଇଥିବା ବିଦ୍ୟାଳୟ ପିଣ୍ଡି ପାଳ ଗଦାରେ ପରିପୂର୍ଣ୍ଣ ରହିଛି ।ବିଦ୍ୟାଳୟ ର ବାରଣ୍ଡା ଧାନ ଗୋଦାମ ପାଲଟିଛି । ଡୁଲି ଡୁଲି କରି ଶୁଖିଲା ଧାନ ଅତି ସୁରକ୍ଷିତ ଅବସ୍ଥାରେ ରଖା ଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନିକଟସ୍ଥ ଏକ ଜମିକୁ ଚାଷ କରି ଏହି ଧାନକୁ ଅମଳ କରିଥିବା ଏବଂ ବିଦ୍ୟାଳୟରେ ଗଚ୍ଛିତ କରି ରଖିଥିବା ନେଇ ଉପସ୍ଥିତ ଥିବା ଜଣେ କର୍ମଚାରୀ ଙ୍କୁ



ପଚାରିବାରୁ କହିଛନ୍ତି ।ତେବେ ଉକ୍ତ ବିଦ୍ୟାଳୟ ରେ କାର୍ଯ୍ୟରତ ଥିବା ଶିକ୍ଷା କର୍ମଚାରୀ ମାନେ ଶିକ୍ଷା ଦାନ ଅପେକ୍ଷା ନିଜ ନିଜ ଧନ୍ଦାରେ ବ୍ୟସ୍ତ ରହୁଥିବା ଅଭିଯୋଗ ହୋଇଛି । ଯାହା ଫଳରେ ଉପାନ୍ତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡୁଥିବା ଅଭିଯୋଗ ଉଠିଛି । ଏଥିପ୍ରତି ଜିଲ୍ଲା ପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଦୃଷ୍ଟି ଦେବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହୋଇଛି ।

# ସାଂସଦଙ୍କ ହସ୍ତକ୍ଷେପ ପରେ ଦୂର ହେବ ଜିଲ୍ଲାର ବିଦ୍ୟୁତ ସମସ୍ୟା



କେନ୍ଦୁଝର,(ପି.ଏନ) : କେନ୍ଦୁଝର ଜିଲାରେ ବାରମ୍ବାର ବିଦ୍ୟୁତ କାଟ ଅଭିଯୋଗ ହେବାପରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଉପମୂଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଜିଲାରେ ଥିବା ବିଦ୍ୟୁତ ସମାସ୍ୟା ଉପରେ ଆଲୋଚନା କରିବା ସହ ଲିଖିତ ଭାବେ ଜଣାଇ ଥିଲେ। ସାଂସଦଙ୍କ ଚିଠି ପରେ ଉପମୁଖ୍ୟମନ୍ତ୍ରୀ ତାଙ୍କ ଚିଠି ମାଧ୍ୟମରେ ଲେଖିଛନ୍ତି ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିଦ୍ୟୁତ ପ୍ରକଳ୍ପ ର କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମସ୍ତେ କରାଯିବ ଯାହାଦ୍ୱାରା ଜିଲ୍ଲାର ବିଦ୍ୟୁତ ଉପଭୋକ୍ତା ନିରବଚ୍ଛିନ୍ନ ସେବା ପାଇପାରିବେ ବୋଲି ଜଣାଇଛନ୍ତି। କେନ୍ଦୁଝର ଜିଲାର ତୁରମୁଙ୍ଗା ସବଷ୍ଟେସନ ମାର୍ଚ୍ଚ ୨୦୨୫ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବା ସହିତ ତୁରମୁଙ୍ଗାରୁ ଢେଙ୍କିକୋଟ ୧୩୨ କେବି ଲାଇନ ସେପ୍ଟେମ୍ବର ୨୦୨୫,୨୨୦କେଭି ଲାଇନ ଟିଟିପିସି ଯୋଡ଼ା ରୁ ରାଙ୍କି ସବଷ୍ଟେସନ ଡ଼ିସେମ୍ବର ୨୦୨୫ ମଧ୍ୟରେ, ଦ୍ୱିତୀୟ ସର୍କିଟ ଲାଇନ ବିତରଣ ଭଦ୍ରକ ସବଷ୍ଟେସନରୁ ଆଗରପଡା ପର୍ଯ୍ୟନ୍ତ ସେପ୍ଟେମ୍ବର ୨୦୨୫ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ସହିତ ତେଲକୋଇ ସବଷ୍ଟେସନ ୨୨୦/୩୩ କେଭି ଲାଇନର ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ଫଳରେ କେନ୍ଦୁଝର ଜିଲ୍ଲାରେ ଉପଭୋକ୍ତା ମାନେ ଉର୍ନ୍ନତ ମାନର ବିଦ୍ୟୁତ ସେବା ପାଇପାରିବେ ବୋଲି ସଂସଦଙ୍କୁ ଚିଠି ମାଧ୍ୟମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ ଜଣାଇଛନ୍ତି ।

# ସ୍ୱାମୀର ଧନୁ ତୀର ମାଡ଼ରେ ସ୍ତ୍ରୀ ମୃତ, ସ୍ତ୍ରୀର ପରକିୟା ପ୍ରିତୀକୁ ନେଇ ହତ୍ୟା ସନ୍ଦେହ

କେନ୍ଦୁଝର(ପି.ଏନ) : ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅଧୀନସ୍ଥ ହାଣ୍ଡି ଭଙ୍ଗା ଗ୍ରାମରେ । ହାଣ୍ଡି ଭଙ୍ଗା ମାଧସାହି ଠାରେ,ଦଶରା ମୁଣ୍ଡା ବୟସ ୪୨ ବର୍ଷ ଏବଂ ତାଙ୍କ ସ୍ତ୍ରୀ ଚିନି ମୁଣ୍ଡା ବୟସ ୩୫ ବର୍ଷ ଦୀର୍ଘ ଦିନ ହେଲା ବେସ ଖୁସିରେ ଘର ସଂସାର କରି ସ୍ତ୍ରୀ ର ରୋଜଗାର ରେ ଚଳି ଆସୁ ଥିଲେ ।,କୌଣସି କାରଣ ବଶତଃ ସ୍ତ୍ରୀ ଚିନି ମୁଣ୍ଡା ଙ୍କର ଆଉଜଣେ ପରପୁରୁଷ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିବା ବେଳେ ସେହି ଯୁବକ ଜଣକ ହେଉଛନ୍ତି ବଡରାମ ମୁଣ୍ଡା ଯାହାର ବୟସ ପାଖାପାଖି ୨୮/୨୯ବର୍ଷ ହେବ ।ତେବେ ସେହି ଯୁବକ ଙ୍କ ନିଜ ଘର ଜାମୁ ପାଣି ଗ୍ରାମ ରେ ବୋଲି ଜଣାପଡ଼ିଛି, । ତେବେ ଏହି ଦୁହେଁ ଅନୈତିକ ସମ୍ପର୍କରେ ଲିପ୍ତ ଥିବା ବେଳେ,ସ୍ତ୍ରୀ ଚିନି ମୁଣ୍ଡା ଉପରେ ଅନେକ ଦିନ ହେଲା ତା ସ୍ୱାମୀ ସନ୍ଦେହ କରି ଆସୁଥିଲା ।ଏହି ଘଟଣା କୁ ନେଇ କିଛି ଦିନ ହେବ ଦଶରା ମୁଣ୍ଡା ଏବଂ ତା ସ୍ତ୍ରୀ ଚିନି ମୁଣ୍ଡା ମଧ୍ୟରେ ଝଗଡା ହୋଇ ଅଶାନ୍ତି ସୃଷ୍ଟି ହୋଇ ଥିବା ବେଳେ ଦିନକୁ ଦିନ ସ୍ୱାମୀ ଦଶରା ମୁଣ୍ଡା ର କ୍ରଧ ସ୍ତ୍ରୀ ଉପରେ ବଢୁଥିଲା, । ଦଶରା ମୁଣ୍ଡା ମନେ ମନେ ସୁଯୋଗ ଖୋଜୁଥିଲା କେମିତି ତା ସ୍ତ୍ରୀ ଚିନି ମୁଣ୍ଡା କୁ ସବୁଦିନ ପାଇଁ ରାସ୍ତା ରୁ ହଟାଇବଦେବାକୁ ।ତେବେ ଗତକାଲି



୨୦୨୫ ନବବର୍ଷ ର ମାହଲ, ଥିବାବେଳେ ଏହି ନବବର୍ଷ ର ଖୁସି ମନାଇବା ପାଇଁ ଘରେ ଥିବା ଏକ ବୋଦା କୁ ମାରି ଘର ପାଖରେ ଥିବା ବିଲ ଖମାରରେ ଏକ ଭୋଜିର ଆୟୋଜିତ ଦଶରା ମୁଣ୍ଡା କରିଥିଲା ।ଗତକାଲି ବୁଧବାର ସ୍ୱାମୀ ଦଶରା ମୁଣ୍ଡା ସେହି ନୂଆବର୍ଷ ଭୋଜିରେ ବେଶ୍ ଆନନ୍ଦରେ ସ୍ତ୍ରୀ ଚିନି ମୁଣ୍ଡା ଙ୍କ ସହିତ ତା'ର ପାଞ୍ଚଟି ଝିଅ, ସରୋଜିନୀ ମୁଣ୍ଡା,ଆଲିସା ମୁଣ୍ଡା,ନାଗି ମୁଣ୍ଡା, ସଞ୍ଜନା ମୁଣ୍ଡା, ତୁଳସୀ ମୁଣ୍ଡା, ଏବଂ ପୁଅ ରୂପା ମୁଣ୍ଡା , ମିଶି ଭୋଜିଭାତ ସରିବା ପରେ ସଂଧ୍ୟାରେ ଘରକୁ ଫେରିଥିଲେ ।ଘରକୁ ଫେରିବା ପରେ କିଛି ପଡୋଶୀ ଲୋକ ଏବଂ ନିଜ ପରିବାର ସହିତ ମ୍ୟୁଜିକ ବଜାଇ ସମସ୍ତେ ନାଚଗୀତ ରେ ଝୁମି ଥିଲା ରାତି ୧୦ ଘଟିକା ପର୍ଯ୍ୟନ୍ତ । ତେବେ ସମସ୍ତେ ପଡୋଶୀ ନିଜ ନିଜ ଘରକୁ ଯାଇ ଶୋଇବା ପରେ ଦଶରା ଭଲ ସୁଯୋଗ ମିଳିଛି ଭାବି ଧନୁତୀର ବାହାର କରି ନିଜ ସ୍ତ୍ରୀ ଚିନି ମୁଣ୍ଡା ର ଛାତିକୁ ଗୋଟିଏ ତୀର ମାରିଥିଲା ।ଆଉ ସେହି ଗୋଟିଏ ତୀର ମାଡ଼ରେ ସ୍ତ୍ରୀ ଚିନି ମୁଣ୍ଡା ପୁରାପୁରି ଗୁରୁତର ଆହତ ହୋଇ ପଡ଼ି ରହିଥିଲା ।, ପିଲାମାନେ ତାଙ୍କ ମାଆ ର ଚିତ୍କାର ଶୁଣି କାନ୍ଦି କାନ୍ଦି ପଡୋଶୀ ଙ୍କୁ ଡ଼ାକି ଦେଖାଇଥିଲେ ।

## ଚୋରୀ ଅଭିଯୋଗରେ ଜଣେ ଗିରଫ

ତେଲକୋଇ,(ପି.ଏନ) : ତେଲକୋଇ ଥାନା ଅନ୍ତର୍ଗତ ସିରିଗିଡା ଗ୍ରାମରେ ଗତ ୨୮ତାରିଖ ରାତ୍ରୀରେ ହେମନ୍ତ ସାହୁଙ୍କ ଘରୁ ଆଜବେଷ୍ଟ ଭାଙ୍ଗି ୮ହଜାର ଟଙ୍କା ଓ ଗ୍ୟାସ ଚୁଲା ଚୋରୀ ହୋଇଥବା ନେଇ ଥାନାରେ ଅଭିଯୋଗ ହୋଇଥଲା। ଏ ନେଇ ତେଲକୋଇ ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡ଼ା ତଦନ୍ତ ଆରମ୍ଭ କରିଥିଲେ। ତେବେ ଆଜି ନମକାନି



ଗ୍ରାମର ସମ୍ଭୋନଥ ଙ୍କ ପୁଅ ଶ୍ରବଣ କୁମାର ନାୟକ କୁ ଏହି ଅଭିଯୋଗରେ ପୋଲିସ ଗିରଫ କରିଛି। ଶ୍ରବଣ ନିକଟରୁ ଗ୍ୟାସ ଚୂଲା ଜବତ ହୋଇଥିବା ବେଳେ ୮ହଜାର ଟଙ୍କା ଖର୍ଚ୍ଚ କରି ଦେଇଥିବା ପୋଲିସ ପକ୍ଷରୁ ସୂଚନା ରହିଛି । ଅଭିଯୁକ୍ତକୁ ୩୩୮/୨୪ରେ କେସ ରୁଜୁ କରି କୋର୍ଟ ଚାଲାଣ କରାଯାଇଛି

# ଖଣ୍ଡଗିରିରେ ବିଶ୍ୱପ୍ରସିଦ୍ଧ ସାଧୁସନ୍ଥ ମହାକୁମ୍ଭମେଳାର ପୂର୍ଣ୍ଣାହୂତି ଉଦ୍‌ଯାପିତ

ଭୁବନେଶ୍ୱର,(ପି.ଏନ):ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ଆବାହକତ୍ୱରେ ଓ ଓଡ଼ିଆ ଭାଷା, ସାହିତ୍ୟ ତଥା ଭୁବନେଶ୍ୱର ମହାନଗର ନିଗମ ଓ ପରିଷଦର ଆନୁକୂଲ୍ୟରେ ଖଣ୍ଡଗିରି ବିଶ୍ୱପ୍ରସିଦ୍ଧ ମହାକୁମ୍ଭମେଳାର ପୂର୍ଣ୍ଣାହୂତି ଓ ସମସ୍ତ ସାଧୁସନ୍ଥ ପୂଜନ କରାଯାଇଅଛି । ଗତକାଲି ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ବ୍ୟକ୍ତି ମହାପ୍ରସାଦ ଓ ସାଧୁସନ୍ଥ ପୂଜନରେ ଯୋଗ ଦେଇଥିଲେ । ଆଜି ମଧ୍ୟ ପୂର୍ଣ୍ଣାହୂତିରେ ଯୋଗଦାନ କରିଥିଲେ । ଖଣ୍ଡଗିରି କୁମ୍ଭମେଳାର ଆବାହକ ତଥା ପରିଷଦର ଅଧକ୍ଷ ବାବା ପଞ୍ଚଦେବ କହିଲେ ୧୪୪ ବର୍ଷରେ ମହାକୁମ୍ଭ ପଡ଼ିଅଛି । ଏହି ମହାନ୍ କାର୍ଯ୍ୟକ୍ରମକୁ ଐତିହାସିକରେ ଲିପିବଦ୍ଧ ହୋଇରହିବ ଏହା ସମ୍ଭବ ହୋଇଛି ଏକମାତ୍ର ଏକାମ୍ର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂଯୋଗୁଁ ତଥା ତାଙ୍କ ଅନୁଗାମୀଙ୍କ ସହଯୋଗରେ । ପ୍ରତି ମୁହୂର୍ତ୍ତରେ ମହାଭାଗ କୁମ୍ଭମେଳା ସମ୍ବନ୍ଧରେ ବୁଝନ୍ତି ଓ ନିଜେ ଆସି ସାଧୁସନ୍ଥ ମାନଙ୍କ ସମସ୍ୟା ବୁଝନ୍ତି । ତାଙ୍କ ତରଫରୁ ୫୦୦ସାଧୁସନ୍ଥମାନଙ୍କୁ ପ୍ରତିଦିନ ପ୍ରସାଦ ସେବନ ବ୍ୟବସ୍ଥା କରିଛନ୍ତି । ସାଧୁସନ୍ଥମାନେ ବିଧାୟକ ମହୋଦୟଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବିଭିନ୍ନ ଦିନମାନଙ୍କରେ ଦାତବ୍ୟ ମହାନ ବ୍ୟକ୍ତିମାନଙ୍କ ଦ୍ୱାରା ସାଧୁସନ୍ଥମାନଙ୍କୁ ଭୋଜନ ଓ ଦକ୍ଷିଣା ପ୍ରଦାନ କରିଥିବାରୁ ପରିଷଦର ଉପଦେଷ୍ଟା ଶ୍ରୀଯୁକ୍ତ ପଦ୍ମନାଭ ଦାସ କୃତଜ୍ଞତା ଜଣାଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ, ଟେଣ୍ଟ, ଲାଇଟ୍, ପାଣି, ଶୌଚାଳୟ ଅନ୍ୟାନ୍ୟ ଉପକରଣ ଯୋଗାଇ ଦେଇଥିବାରୁ ମହାନଗର ନିଗମ, ଆୟୁକ୍ତ, ଅତିରିକ୍ତ ଆୟୁକ୍ତ, ଉପାୟୁକ୍ତ, ଦକ୍ଷିଣପଶ୍ଚିମ ଜୋନ୍‌ର ଉପାୟୁକ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଖଣ୍ଡଗିରି ଥାନା ଭାରପ୍ରାପ୍ତ ଅଧିକାରୀ ତଥା ପୋଲିସ୍ ବନ୍ଧୁମାନେ ଶାନ୍ତିଶୃଙ୍ଖଳା ରଖିଥିବାରୁ ପରିଷଦ ତରଫରୁ କୃତଜ୍ଞତା ଜଣାଇଛନ୍ତି । ଖଣ୍ଡଗିରି ମାଘ ସପ୍ତମୀ ମେଳାର କେନ୍ଦ୍ରୀୟ କମିଟି ସଭାପତି, ସମ୍ପାଦକ ତଥା ସମସ୍ତ ସଭ୍ୟସଭ୍ୟାମାନଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି ବୋଲି ମୁଖ୍ୟ ସଂଚାଳକଙ୍କ ବ୍ରହ୍ମଚାରୀ ବିଶେଷ ଚୈତନ୍ୟ, ସଂଚାଳକ ବାବା ଚନ୍ଦନ ଦାସ, ବାବା ଆଲୋକ ଦାସ, ବାବା କୃଷ୍ଣ ଦାସ, ବାବା କଲ୍ୟାଣ ଦାସ, ବାବା ନବ ଦାସ, ବାବା ଆନନ୍ଦ ଦାସ, ହରିଓମ୍ ବାବା ପ୍ରଭୃତି ଜଣାଇଛନ୍ତି ବୋଲି ପରିଷଦର ସାଧାରଣ ସମ୍ପାଦକ ବାବା ଅଖଣ୍ଡାନନ୍ଦ ତଥା ପରିଷଦର ଅଧକ୍ଷ ବାବା ପଞ୍ଚଦେବ ଜଣାଇଛନ୍ତି ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧ ମୃତ

କରଞ୍ଜିଆ,(ପି.ଏନ) : ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ମାଆ ଆଗରେ ଚାଲିଗଲା ପୁଅର ଜୀବନ । ୪୯ ନଂ ଜାତୀୟ ରାଜପଥ ଯଶିପୁର ବ୍ୟାଙ୍କ ଅଫ ଇଣ୍ଡିଆ ସାମ୍ନାରେ



ଘଟିଛି ଦୁର୍ଘଟଣା । ମାଆ ପୁଅ ଏକ ସ୍କୁଟି ଯୋଗେ ରାସ୍ତାରେ ଯାଉଥିବା ସମୟରେ ଲୁହା ପଥର ବୋଝେଇ ଟ୍ରକ୍ ଧକ୍କାରେ ଛିଟିକି ପଡ଼ି ଟ୍ରକ୍ ଚକା ତଳେ ପଡି ମୃତ୍ୟୁ ବରଣ କଲା ୭ ବର୍ଷର ପୁଅ । ଘଟଣା ସ୍ଥଳରେ ଯଶିପୁର ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ସେମାନେ ମାଆ ପୁଅ ବିଶୋଇ ଥାନା ବାଉଁଣିଆଁ ଗାଆଁର ବୋଲି ଜଣା ପଡିଛି ।

# ପଞ୍ଚାୟତ ସ୍ତରୀୟ ଡମ୍ବ ସମାଜ ବୈଠକ ଅନୁଷ୍ଠିତ, ନୂତନ କାର୍ଯ୍ୟକର୍ତ୍ତା ଚୟନ

ମୁନିଗୁଡା,(ପି.ଏନ) : ରାୟଗଡ ଜିଲ୍ଲା ମୁନିଗୁଡା ବ୍ଲକ ଜଗଦଲପୁର ହାଟପଦା ଠାରେ ପଞ୍ଚାୟତ ସ୍ତରୀୟ ଡ଼ମ୍ବ ସମାଜ ବୈଠକ ସହ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ମୁନିଗୁଡା ବ୍ଲକ ର ୧୭ ଗୋଟି ଗ୍ରାମ ପଂଚାୟତ ର ବିଭିନ୍ନ ଗ୍ରାମ ର ନାଇକ, ଧଙ୍ଗଡ଼ାମାଝୀ, ଭଦ୍ର ବ୍ୟକ୍ତି ଏବଂ ଯୁବକ ମାନେ ଉପସ୍ଥିତ ରହିଥିଲେ ।ବୈଠକକୁ ନୀଳାମ୍ବର ବିଭାର ପରିଚାଳନା କରିଥିବା ବେଳେ ମୁନିଗୁଡା ବ୍ଲକ ଡମ୍ବ ସମାଜ ସଭାପତି ସୁବଳ ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଉପ ସଭାପତି ରାମ ପ୍ରକାଶ କରକରିଆ ସଂପାଦକ କମଳ ହିଆଲ, ଟଙ୍କଧର କୁଶୁଲିଆ, ଅନଙ୍ଗ ନାଗ, ନରେନ୍ଦ୍ର ହିଆଲ, ଚିତ୍ରସେନ ସୁନା, ଦଇଖ କରକରିଆ,ସୁବାସ ବାଗ,ଦୟା ଟାକ୍ରି, ହାଡିପା ପାଲକିଆ, ସିଲେନ ଟାକ୍ରି, କମଳ ବିଭାର ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ରବୀନ୍ଦ୍ର ପାଲକା ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।ବୈଠକରେ ଜଗଦଳପୁର ପଞ୍ଚାୟତର ପଞ୍ଚାୟତ ସ୍ତରୀୟ କମିଟି ତିଆରି କରିବାକୁ ଆଲୋଚନା



କରାଯାଇଥିବା ବେଳେ ସମସ୍ତ ସଦସ୍ୟ ଙ୍କ ନିଷ୍ପତି କ୍ରମେ ସଭାପତି ଦାୟିତ୍ୱରେ ରୟେଲ ଶଙ୍କର କୁସୁଲିଆଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସେହିପରି ଉପସଭାପତି ଭାବେ ଘନ କୁମାରଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସଂପାଦକ ଭାବେ ନୀଳାମ୍ବର ବିଭାର ଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ଉପସମ୍ପାଦକ ହରିଶଚନ୍ଦ୍ର ବାଗ,କୋଷାଦକ୍ଷ ଭାବେ ସଞ୍ଜୟ କରକରିଆ ଓ ଉପଦେଷ୍ଟା ଭାବେ ବୟେଲ ଚନ କୁସୁଲିଆ, ମନୋଜ କୁଶୁଲିଆଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି ।ବିସର୍ବ ବାଗ, ପବିତ୍ର କୁମାର, ପ୍ରଫୁଲ୍ଲ ନାଗ, ଶଙ୍କର ବାଗ, ରବି ବାଥଲିଆ, ରହିତ୍ ବାଗ, ରୟେଲ ରସନ୍, ଜଗନ୍ନାଥ ଟାକ୍ରି ଆଦି ଙ୍କୁ ଜଗଦଲପୁର ପଞ୍ଚାୟତ କମିଟି ର କାର୍ଯ୍ୟକର୍ତା ଭାବେ ମନନୀତ କରାଗଲା । କମିଟି ତିଆରି କରି ଆଗାମୀ ଦିନ ରେ କିମିତି ଡ଼ମ୍ବ ସମାଜର କଳା ସଂସ୍କୃତି ଯେମିତି ଡ଼ମ୍ବ ସମାଜ ର ନିଆରା ପରମ୍ପରା ଦିଆଲ ପରବ ମାଧ୍ୟମରେ ପ୍ରଶାସନ ଙ୍କ ନିକଟ ରେ ଆଗ୍ରାଧିକାର ଦିଆଯିବ ତାହା ଆଲୋଚନା କରାଗଲା । ସେହିପରି ଡ଼ମ୍ବ ସମାଜ ର ସଂଖ୍ୟା ଅନୁପାତ ରେ ଶିକ୍ଷା କ୍ଷେତ୍ର ରେ କିମିତି ସୁବିଧା ସୁଯୋଗ ମିଳିବ ତାହା ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ନୀଳାମ୍ବର ବିଭାର ମଞ୍ଚ ଆହ୍ୱାନ କରିଥିବା ବେଳେ ଚନ୍ଦ୍ରହାସ୍ୟ ପାଲକିଆ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବାଇକ ଲୁଟେରା ଗିରଫ

ବାଲେଶ୍ୱର,(ପି.ଏନ) : ଜଳେଶ୍ୱର ପୋଲିସ ହାତରେ ଦୁଇ ଅନ୍ତରାଜ୍ୟ ବାଇକ ଲୁଟେରା। ଓଡିଶା ଓ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୧୦ଟି ବାଇକ ଉଦ୍ଧାର। ଅମ୍ବାଳିଅଠା ଠାରୁ ଦୁଇ ବାଇକ ଚୋରକୁ ଗିରଫ କରିଛି ପୋଲିସ। ବାଲେଶ୍ୱର ଏସ୍ପି ରାଜ ପ୍ରସାଦଙ୍କ ସାମ୍ବାଦିକ ସମ୍ମିଳନୀରେ ସୂଚନା। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଂଚଳରୁ ବିଭିନ୍ନ ସମୟରେ ବିଭିନ୍ନ ଗାଡି ଚୋରି ହେଉଥିବା ନେଇ ଥାନାରେ ଅଭିଯୋଗ ହୋଇଆସୁଥିଲା। ଏହି ଅଭିଯୋଗ ଆଧାରରେ ବାଲେଶ୍ୱର ଏସ୍ପି ରାଜ ପ୍ରସାଦଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଏସ୍ଡିପିଓ ଓ ଆଇ ଆଇ ସିଙ୍କୁ ନେଇ ଏକ ଟିମ ଗଠନ କରାଯାଇ ତଦନ୍ତ ଚାଲିଥିଲା ବେଳେ ଗତକାଲି ଅମ୍ବାଳିଅଠା ଠାରେ ପଶ୍ଚିମବଙ୍ଗ ଦାନ୍ତୁଣ ଥାନା ଅଂଚଳର ଦୁଇ ଜଣ ବାଇକ ଲୁଟେରାକୁ ଗିରଫ କରିବା ସହିତ ସେମାନଙ୍କୁ ଠାରୁ ୧୦ଟି ବାଇକ ଉଦ୍ଧାର କରି ଅଧିକ ତଦନ୍ତ ଜାରୀ ରଖିଛି ପୋଲିସ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ବାଲେଶ୍ୱର ଏସ୍ପି ରାଜ ପ୍ରସାଦ।




# ଏତେ ପରିମାଣରେ ହେରୋଇନ ଗୁଜରାଟ ଦେଇ ଭାରତକୁ ପ୍ରବେଶର ଉଦ୍ଦେଶ୍ୟ କ'ଣ ?

ଭୁବନେଶ୍ୱର (ପିଏନ୍)- ୧ଲକ୍ଷ ୯୭ ହଜାର କୋଟିର ହେରୋଇନ ଭାରତ ଭିତରକୁ କିପରି ଆସିଲା ଏବଂ କାହା ମାଧ୍ୟମରେ ଆସିଲା, ଏବଂ କାହିଁକି କେନ୍ଦ୍ରର ମୋଦି ସରକାର ଚୁପ। ସେପ୍ଟେମ୍ବର ମାସ ୧୫ ତାରିଖ ୨୦୨୧ ତାରିଖ ଗୁଜୁରାଟର ମୁନ୍ଦ୍ରା ବନ୍ଦରରେଠାରେ ତିନି ହଜାର କିଲୋଗ୍ରାମର ହେରୋଇନ ଜବତ କରାଗଲା। ଏହାର ବଜାର ମୂଲ୍ୟ ପାଖାପାଖି ୨୧ ହଜାର କୋଟି ଟଙ୍କା ହେବ। ଠିକ୍ ସେହିଭଳି ଭାବରେ ଜୁନ ମାସ ୨୦୨୧ ମସିହାରେ ୨୫ ହଜାର କିଲୋଗ୍ରାମର ହେରାଇନ ଟେଲକମ ପାଉଡର ଖଣ୍ଡ (ଦେହମାଖା ପାଉଡର) ଆକାରରେ ଭାରତ ଭିତରକୁ ଆସିଥିବାର ସଂଦେହ କରାଯାଉଛି। ଯାହାର ବଜାର ମୂଲ୍ୟ ୧ଲକ୍ଷ ୭୫ ହଜାର କୋଟି ଟଙ୍କା ହେବବୋଲି ଆକଳନ କରାଯାଉଛି। ଏ ପର୍ଯ୍ୟନ୍ତ ଏତେ ବଡ଼ ପରିମାଣରେ ହେରୋଇନ ପୃଥିବୀର କୌଣସି ବନ୍ଦରରେ କେବେହେଲେ ଜବତ କରାଯାଇନାହିଁ। ଏତେ ପରିମାଣରେ ହେରାଇନ କେଉଁ ଦେଶରୁ ଆସିଲା ଏବଂ ଏହାର ରପ୍ତାନୀକାରୀ କିଏ ସେ ସଂସ୍ଥାର ନାମ କଣ, ଏହା କେଉଁ ପୋର୍ଟରୁ ଭାରତ ଅଭିମୁଖେ ରପ୍ତାନୀ କରାଯାଇଥିଲା ଏବଂ ଭାରତରେ କେଉଁ ସଂସ୍ଥା ଏହାକୁ ଆମଦାନୀ କରୁଥିଲା ଏହା ଏତେ ପରିମାଣର ହେରୋଇନ ଆମଦାନୀ କରିବାର ଉଦ୍ଦେଶ୍ୟ କ'ଣ? ଏହି ସମସ୍ତ ହେରୋଇନ ଗୁଜୁରାଟର ଯେଉଁ ମୁନ୍ଦ୍ରା ପୋର୍ଟ ଦେଇ ଭାରତକୁ ପ୍ରବେଶ କରିଛି ଶିଳ୍ପପତି ଆଦାନୀ ଗ୍ରୁପ କମ୍ପାନୀ ଏହାକୁ ପରିଚାଳନା କରୁଛନ୍ତି। ଏତେ ପରିମାଣର ହେରୋଇନ ଭାରତ ଭିତରକୁ ପ୍ରବେଶ କରିବା ଏକ ବଡ଼ ଚିନ୍ତା ଏବଂ ଉଦ୍‌ବେଗର କାରଣ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି। ଶ୍ରୀ ପଟ୍ଟନାୟକ ଆହୁରି ମଧ କହିଛନ୍ତି ଯେ ଏହି ହେରୋଇନ ଭାରତବର୍ଷର ଯୁବବର୍ଗଙ୍କର ଭବିଷ୍ୟତକୁ ଅନ୍ଧାକାର ମଧ୍ୟକୁ ଠେଲି ଦେବାପାଇଁ ଅଣାଯାଇଛି କି ବୋଲି ପ୍ରଶ୍ନ କରିଛନ୍ତି। କିଭଳି ଭାବରେ ବନ୍ଦରର ଥିବା କର୍ମଚାରୀମାନେ ଏବଂ ଇଂଟେଲିଜେନ୍ସ ବିଭାଗ ତଥା ତଦାରଖିକାରୀ ବିଭାଗ ଏ ସମସ୍ତ ଘଟଣାକୁ ଜାଣିପାରୁନାହାଁନ୍ତି? ନା ଜାଣିଶୁଣି ଏଭଳି ଅନୈତିକ କାର୍ଯ୍ୟ ମାଧ୍ୟମରେ କୋଟି କୋଟି ଟଙ୍କା ରୋଜଗାର କରିବା ଅନ୍ୟତମ ଏକ ଦିଗ କି? ଏଭଳି ସ୍ଥିତିରେ ଭାରତବର୍ଷର ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ନିଜ ରାଜ୍ୟରେ ଏତେ ପରିମାଣରେ ହେରୋଇନ ଜବତ ହେଉଥିବା ବେଳେ ଏ ବାବଦରେ କୌଣସି ତଥ୍ୟ ନରଖିବା ଏହା ଦେଶବାସୀଙ୍କୁ ଅଧିକ ବିସ୍ମିତ ଓ ଚିନ୍ତାଜନକ ସ୍ଥିତି ସୃଷ୍ଟିକରୁଛି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, କେନ୍ଦୁଝର ଶାଖାର ନୂତନ କର୍ମକର୍ତ୍ତା ଚୟନ



କେନ୍ଦୁଝର (ପିଏନ୍):ଶନିବାର ରାଙ୍କୀ ଆଶ୍ରମ ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ, କେନ୍ଦୁଝରର ଶିକ୍ଷକ/ ଶିକ୍ଷୟତ୍ରୀ ମାନଙ୍କ ଉପସ୍ଥିତିରେ ନରଣପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ କବିତା ରାଣୀ ଦାସଙ୍କ ଅଧ୍ୟକ୍ଷତାରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ , କେନ୍ଦୁଝର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘ ସାଂଗଠନିକ ସମ୍ପାଦକ ରଂଜନ କୁମାର ବେହେରା, ଶିକ୍ଷକ ନେତା ଦୈତାରୀ ଦିଗାଲ ଏବଂ କେନ୍ଦୁଝରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ କୁମାର ସାହୁଙ୍କ ମାର୍ଗଦର୍ଶନରେ ଜିଲ୍ଲା ସଂଘର କର୍ମକର୍ତ୍ତାଙ୍କୁ ମନୋନୟନ କରାଯାଇଥିଲା। ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସରୋଜ କୁମାର ନନ୍ଦ ସଂଘର ପୂର୍ବ ବିବରଣୀ ଏବଂ ଆଭିମୁଖ୍ୟ ପାଠ କରିଥିଲେ। ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶ ଚନ୍ଦ୍ର ଶତପଥି ପୂର୍ବ ସଂଘ ଭଙ୍ଗା ଯାଇ ଆଶ୍ରମ ଓ ଉଚ୍ଚ ବିଦ୍ୟାଳୟର ଦୁଇ ସଂଘ ମିଳିତ ହୋଇ ଗୋଟିଏ ସଂଘ ଭାବରେ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଥିଲେ। କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ଆଇଚ ସଭା ପରିଚାଳନା କରିଥିଲେ। ବୈଠକ କେନ୍ଦ୍ରରେ କୋଭିଡ୍ ନିୟମ ପାଳନ ପୂର୍ବକ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥାରେ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାହୁ ସହଯୋଗ କରିଥିଲେ। ଶିକ୍ଷକ/ଶିକ୍ଷୟତ୍ରୀଙ୍କ ପ୍ରସ୍ତାବ ଓ ସମର୍ଥନ କ୍ରମେ ତୀର୍ଥାନନ୍ଦ ସେଠୀ ସଭାପତି ଭାବେ ସରୋଜ କୁମାର ନନ୍ଦ ସାଧାରଣ ସମ୍ପାଦକ ଭାବେ,କୃଷ୍ଣାନ ଆଚାର୍ଯ୍ୟ ଓ କିରାଣୀ ମହାନ୍ତ ଯୁଗ୍ମ ସମ୍ପାଦକ ଭାବେ,ସୋମନାଥ ଆଇଚ ଏବଂ ମଣ୍ଡଳ କୁମାର ପଣ୍ଡା ସାଂଗଠନିକ ସମ୍ପାଦକ ଭାବେ, ଅମୂଲ କୁମାର ମହାନ୍ତି ଓ ଯତୀନ କୁମାର ବାରିକ କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ। ନବନିର୍ବାଚିତ ପ୍ରତିନିଧିମାନେ ଶପଥ ପାଠ ପରେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ବିଭିନ୍ନ ଦାବି ପୂରଣ ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନରେ ବ୍ରତୀ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରିଶେଷରେ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କମ୍ ଦିନରେ ଭାଙ୍ଗିଗଲା ନିମ୍ନମାନର ପାଚେରୀ



ଆନନ୍ଦପୁର (ପିଏନ୍): ହାଟଡିହି ବ୍ଲକ ଅଧିନ ହଦଗଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷା ପାଚେରୀ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି। କନିଷ୍ଠ ଯନ୍ତ୍ରୀଙ୍କ କହିବା ଅନୁଯାୟୀ ୩୦ଲକ୍ଷ ଟଙ୍କାର ଅନୁଦାନ କ୍ରମେ ମୁଖ୍ୟ ତୋରଣ,ଛୋଟ ଗାର୍ଡେନ ପାଇଁ ଲୁହାର ସୁରକ୍ଷା ବାଡ, ଏକ ନୂତନ ଗୃହ, ଇଟା ଦ୍ୱାରା ଫ୍ଲୋରିଂ କାର୍ଯ୍ୟ ସହ ପୂର୍ବରୁ ଥିବା ଅଳ୍ପ ଉଚ୍ଚତା ବିଶିଷ୍ଟ ପାଚେରୀର ଉଚ୍ଚତା ବଢାଇବା କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ୧ମାସ ତଳେ ନିର୍ମାଣ ହୋଇଥିବା ଉକ୍ତ ପାଚେରୀର କିଛି ଅଂଶ ଭାଙ୍ଗି ଧରାଶାୟୀ ହୋଇ ଯାଇଛି। ପ୍ରକାଶ ଥାଉକି ଉକ୍ତ ପାଚେରୀ କାମ ସମୟରେ ପାଚେରୀକୁ ଲାଗି ଅତ୍ୟଧିକ ମାଟି ପକାଯାଇଥିଲା। ଯାହାକି ଅତ୍ୟଧିକ ମାଟି ଯୋଗୁଁ ବର୍ଷା ପାଣିର ଚାପରେ ଭାରସାମ୍ୟ ହରାଇ ପାଚେରୀଟି ଗଡି ପଡିଲା। ଏଥିରୁ ଅନୁମାନ ହେଉଛି ଯେ ଉକ୍ତ କାର୍ଯ୍ୟଗୁଡିକ ଅତି ନିମ୍ନମାନର ବୋଲି। ଯାହାକି କାର୍ଯ୍ୟ କରାଉଥିବା ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରୁ ଏଭଳି ଘଟୁଥିବା ନେଇ ଅନୁମାନ ହେଉଛି। ଏଭଳି ନିମ୍ନମାନର କାର୍ଯ୍ୟ ପ୍ରତି କେନ୍ଦୁଝର ଜିଲ୍ଲାପାଳ ଓ ଆନନ୍ଦପୁର ଉପଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବଡ଼ଚଣା ପୋଲିସର ଚଢ଼ାଉ,୩୦ ଗୋରୁ ଉଦ୍ଧାର

ଚଣ୍ଡିଖୋଲ (ପିଏନ୍)-ଦିନକୁ ଦିନ ବଡ଼ଚଣା ଅଂଚଳରେ ବେଆଇନ ଭାବେ ଗୋରୁଚାଲାଣ ବୃଦ୍ଧିପାଇବାରେ ଲାଗିଛି.ପ୍ରଶାସନର ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିବାରୁ ଏହି ଗୋରୁଚାଲାଣ ବନ୍ଦ ହେବ ପରିବର୍ତ୍ତେ ବୃଦ୍ଧିପାଇବାରେ ଲାଗୁଛି। କିଛିଦିନ ତଳେ ଦର୍ପଣ ଅଂଚଳରୁ ବେଆଇନ ଭାବେ ଏକ କନଟଇନରେ ୬୦ରୁ ଊର୍ଦ୍ଧ ଗୋରୁକୁ ଦୟନୀୟ ଅବସ୍ଥାରେ ନେଇଯାଉଥିବା ସମୟରେ ବଡ଼ଚଣା ପୋଲିସ ସାନ୍ତେଓ୍ୱାରକୁ ଧରି ୩ ଜଣ ଗୋରୁବେପାରୀଙ୍କୁ କୋର୍ଟ ଚାଲାଣ କରିଥିଲା। ପୁନଶ୍ଚ ଗତ ଶୁକ୍ରବାର ରାତିରେ ଏକ ୧୦ ଚକିଆ ଟ୍ରକ ଯାହାର ନ (ଓଡ଼୦୯ ର ୭୫୧୧) ୩୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଅତିଦୟନୀୟ ଅବସ୍ଥାରେ ଦର୍ପଣ ଅଂଚଳରୁ ନେଇଯାଉଥିବାର ବିଶେଷ ସୂତ୍ରରୁ ବଡ଼ଚଣା ଥାନା ଅଧିକାରୀ ଖବର ପାଇଥିଲେ .ଥାନା ଅଧିକାରୀ ସଂଗେ ସଂଗେ ଏକଟିମ କରି ଗାଡ଼ିଟିକୁ ଧରିବାପାଇଁ ଘଟଣା ସ୍ଥଳରେ ପହଂଚିବା ସମୟରେ ଗାଡ଼ିଟିର ଚାଳକ ଗାଡ଼ିଟିକୁ ଦ୍ରୁତଗତିରେ ନେଇପଳାଇଯାଇଥିଲା। ପୋଲିସ ଟିମ ଉକ୍ତ ଗାଡିର ପିଛାକରି ଜାରକା ଠାରେ ରାସ୍ତା ଯାମ ଥିବାରୁ ଏହାର ସୁଯୋଗନେଇ ଚାଳକ ଓ ଖାଲସି ଗାଡି ଛାଡି ପଳାଇଯାଇଥିଲେ। ବଡ଼ଚଣା ପୋଲିସ ଗାଡ଼ିଟିକୁ ଜବତ କରି ଚଣ୍ଡିଖୋଲ ଫାଣ୍ଡିକୁ ଆଣିଥିଲେ। ଏ ସଂକ୍ରାନ୍ତରେ ଏକ କେଶ ୩୫୭/୨୦୨୧ ରୁଜୁ କରି ଅଧିକ ତଦନ୍ତ ଜାରିରହିଛି ବୋଲି ଥାନାଅଧିକାରୀ ପ୍ରିୟବ୍ରତ ରାଉତ କହିଛନ୍ତି। ଗାଡ଼ିରେ ଥିବା ଗୋରୁଗୁଡ଼ିକୁ ନିକଟସ୍ଥ ନାନପୁର ଗୋଶାଳାରେ ଛାଡିଥିବାର ଖବର ମିଳିଛି। ଏଠାରେ ପ୍ରଶ୍ନ ଉଠେ ନାନପୁର ଗୋଶାଳାରେ କିଛିଦିନ ତଳେ ଉଦ୍ଧାର ହୋଇ ରଖାଯାଇଥିବା ଗୋରୁଗୁଡ଼ିକୁ ଗୋଶାଳା ମାଲିକ ବିକ୍ରିକରିଦେଇଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହେଲା ପରେ ମଧ ପୁନର୍ବାର କେଉଁ ଭରସାରେ ଏହି ଗୋରୁଗୁଡିକୁ ପୋଲିସ ସେଠାରେ ଛାଡିଲା ତାହା ଆଲୋଚନାର ବିଷୟ ହୋଇଛି।

# ବିଶ୍ୱ ପର୍ଯ୍ୟଟନ ଦିବସରେ ଉଠିଲା ଦାବି: ପିକ୍‌କ ଭ୍ୟାଲିକୁ ଇକୋ ଟୁରିଜିମ୍‌ର ମାନ୍ୟତା ମିଳୁ

ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ସେପ୍ଟେମ୍ବର ମାସ ୨୭ ତାରିଖଟିକୁ ସାରା ବିଶ୍ୱରେ ବିଶ୍ୱ ପର୍ଯ୍ୟଟନ ଦିବସ ରୂପେ ପାଳନ କରାଯାଇଥାଏ। ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥିକ କ୍ଷେତ୍ରରେ ବିକାଶ ତଥା ପାରସ୍ପରିକ ସମ୍ପର୍କ ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଆମ ଓଡ଼ିଶାରେ ଏମିତି ଅନେକ ସୁନ୍ଦର ପର୍ଯ୍ୟଟନସ୍ଥଳୀ ରହିଛି ଯାହା ଏପର୍ଯ୍ୟନ୍ତ ସରକାରୀସ୍ତରରେ ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପାଇନାହିଁ। ସେଥିମଧ୍ୟରୁ ରାଜଧାନୀ ଭୁବନେଶ୍ୱର ନିକଟରେ ଥିବା ପିକ୍‌କ ଭ୍ୟାଲି ଯାହା ସାମ୍ନାକୁ ଆସିଛି। ସ୍ମାର୍ଟନଗରୀ ଭୁବନେଶ୍ୱର ଠାରୁ



ମାତ୍ର ୩୦ କିଲୋମିଟର ଏବଂ କଟକଠାରୁ ୧୫ କିଲୋମିଟର ମଧ୍ୟରେ ରହିଛି ଏହି ପିକ୍‌କ ଭ୍ୟାଲି। ସକାଳ ଓ ସନ୍ଧ୍ୟା ହେଲେ ଏଠି ଶହ ଶହ ସଂଖ୍ୟାରେ ମୟୂର ଏକତ୍ରିତ ହେବାର ଦୃଶ୍ୟ ଦେଖିବାକୁ ମିଳିଥାଏ। ଯାହା ବର୍ତ୍ତମାନ ପିକ୍‌କ ଭ୍ୟାଲି ରୂପେ ବେଶ୍ ଖ୍ୟାତି ଅର୍ଜନ କରିପାରିଛି। ପର୍ଯ୍ୟଟନ ଦୃଷ୍ଟିରୁ ଏହା ଏକ ଖାସ୍ ଆକର୍ଷଣୀୟ ବହନ କରିଥାଏ। ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଉକ୍ତ ସ୍ଥାନଟି ଏକ ନିଆରା ହୋଇଥିବା ବେଳେ ଏହାକୁ ଇକୋ ଟୁରିଜିମ୍‌ର ମାନ୍ୟତା ଦେବାକୁ ବିଶ୍ୱ ପର୍ଯ୍ୟଟନ ଦିବସରେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଉକ୍ତ ଅଞ୍ଚଳରେ ପାଖାପାଖି ଏକ ହଜାରରୁ ଊର୍ଦ୍ଧ୍ୱ ମୟୂର ବାସ କରୁଥିବାର ଆକଳନ କରାଯାଏ ଯାହାକି ଉକ୍ତ ଅଞ୍ଚଳଟି ବେଶ୍ ଶୋଭାବର୍ଦ୍ଧନ କରିଥାଏ। କଟକ ଜିଲ୍ଲା ଅନ୍ତର୍ଗତ ନରାଜ ରୋଡ଼ ଯିବା ରାସ୍ତାରେ ପଡ଼େ ତଳଗର। ଏଇଠି ରହିଛି ପିକ୍‌କ ଭ୍ୟାଲି। ଏବେ ପର୍ଯ୍ୟଟକଙ୍କ ବେଶ୍ ଆକର୍ଷଣୀୟ କେନ୍ଦ୍ରବିନ୍ଦୁ ପାଲଟିଛି। ପିକ୍‌କ ଭ୍ୟାଲିକୁ ନେଇ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି ପୁଳା ପୁଳା ୟୁଟ୍ୟୁବ୍ ଭିଡ଼ିଓର ଚିତ୍ର। ଏହାକୁ ଦେଖି ପର୍ଯ୍ୟଟକମାନେ ବେଶ୍ ଆକର୍ଷିତ ହେଉଥିବାର ଜଣାପଡ଼ିଛି। ସମ୍ପ୍ରତି ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ବିକଶିତ ହୋଇଚାଲିଛି ଇକୋଟୁରିଜମ୍ ପ୍ରକଳ୍ପ। କିନ୍ତୁ ଉକ୍ତ ଅଞ୍ଚଳଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଇଥିବାର ମନେହୁଏ। ଇକୋ ଟୁରିଜିମ୍‌ରେ ନୂଆ ସମ୍ଭାବନା ଓ ନୂଆ ଚମକ ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରାଯାଉଛି। ପରିବେଶ ସୁରକ୍ଷା ଓ ପରିବେଶ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏହାର ମୂଳଲକ୍ଷ୍ୟ। ପୃଥିବୀର ବିଭିନ୍ନ ଦେଶରୁ ନିୟମିତ ବ୍ୟବଧାନରେ ପର୍ଯ୍ୟଟକମାନେ ଓଡ଼ିଶାର ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଲାଗି ରହୁଛି। ଏଣୁ ଏହି ପିକ୍‌କ ଭ୍ୟାଲିକୁ ସରକାରୀସ୍ତରରେ ଇକୋ ଟୁରିଜିମ୍‌ର ମାନ୍ୟତା ଦିଆଗଲେ ଆମର ଜାତୀୟ ସ୍ୱୀକୃତି ପାଇଥିବା ମୟୂର ପକ୍ଷୀର ସୁରକ୍ଷା ସହ ଏହାର ବଂଶ ବୃଦ୍ଧିରେ ବେଶ୍ ସହାୟକ ହୋଇପାରିବ। ଏତଦ୍‌ସହ ରାଜ୍ୟର ରାଜସ୍ୱ ବୃଦ୍ଧି ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବେଶ୍ ସହାୟକ ହୋଇପାରିବା ସଙ୍ଗେ ସଙ୍ଗେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଏହା ଅନେକଙ୍କ ପାଇଁ ଜୀବନ ଜୀବିକାର ମାଧ୍ୟମ ପାଲଟିଯିବ। ଏଣୁ ଏ ନେଇେ ଶ୍ରୀ ସାହୁ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜଙ୍ଗଲ ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ପତ୍ର ମାଧ୍ୟମରେ ପିକ୍‌କ ଭ୍ୟାଲିକୁ ଇକୋ-ଟୁରିଜିମ୍‌ର ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି।

# ସାମ୍ବାଦିକ ଅରିନ୍ଦମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ



କେନ୍ଦ୍ରାପଡ଼ା (ପିଏନ୍): ଓଟିଭିର ବରିଷ୍ଠ ସାମ୍ବାଦିକ ଅରିନ୍ଦମ ଦାଶଙ୍କ ବିୟୋଗରେ କେନ୍ଦ୍ରାପଡା କର୍ମଜୀବୀ ସାମ୍ବାଦିକ ସମୂହ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଥମେ ମହମବତୀ ଜାଳି ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅରିନ୍ଦମ ଦାଶଙ୍କ ତ୍ୟାଗ, ବଳିଦାନ ଓଡିଆ ସାମ୍ବାଦିକତା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ମୃତି ସଭାରେ ବହୁ ସାମ୍ବାଦିକ, ସମାଜସେବୀ, ବୁଦ୍ଧିଜିବି ଓ ରାଜନେତା ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସ୍ମୃତି ସଭାରେ ମନୋଜ ସ୍ୱାଇଁ, ଚିତରଞ୍ଜନ ଦାସ, ସୋମନାଥ ସାହୁ, ପ୍ରଭାତ ପରିଡା, ମହେଶ ପାଢୀ, ଜୀବନ ସିଂ, ଜଗନ୍ନାଥ ଧଳ, ପ୍ରଶାନ୍ତ ନାୟକ, ଦିଲ୍ଲିପ ମହାନ୍ତି, ପ୍ରଫୁଲ୍ଲ ସାହୁ, ଉମାକାନ୍ତ ମହାପାତ୍ର, ବୀରେନ୍ଦ୍ର ଦାସ, ଉମେଶ ପାଢୀ, ଦୁର୍ଗା ପତି, ନାରାୟଣ ସାହାଣୀ, ସୁବାଷ ସାମଲ, ରବିନାରାୟଣ ପତି, ଚିତ୍ତରଞ୍ଜନ ସାହୁ, କୈଳାସ ସାହୁ, ହରେକୃଷ୍ଣ ବେହେରା, ସେକ ହାପିଜୁଦ୍ଦିନ, ଲକ୍ଷ୍ମୀକାନ୍ତ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ମ୍ୟୁନିସିପାଲ ପ୍ରିମିୟର ଲିଗ ଆୱାର୍ଡ ପାଇଲେ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏମପିଏଲ- ୧-୦ ଓ ଏମପିଏଲ-୨-୦କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କଠିନ ପରିଶ୍ରମ କରି ସଫଳତାର ସହ ରୂପାୟନ କରିଥିବାରୁ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କୁ ଗତ ଶନିବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟରରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟର ପୌରନିଗମ ସମେତ ବିଭିନ୍ନ ପୌରସଂସ୍ଥାର ନିର୍ବାହୀ ଅଧିକାରୀମାନଙ୍କୁ ମଧ ଏହି ଆୱାର୍ଡ ପ୍ରଦାନ କରାଯାଇଛି। ପୌରସଂସ୍ଥା ଗୁଡିକ ସମ୍ପତ୍ତି କର ବୃଦ୍ଧି କରିବା ସହ ଆଦାୟ କରର ଡିଜିଟାଇଜେସନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି।

# ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ (ସି.ଆଇ.ଟି.ୟୁ) କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସମସ୍ତ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସଂପୃକ୍ତ ପାଚିକା ଓ ସହାୟିକାମାନଙ୍କୁ ସ୍କିମ୍ ଶ୍ରମିକ ଭାବେ ବିଚାର କରାନଯାଇ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବା, ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ କାର୍ଯ୍ୟରୁ ଅବସର ବୟସ ୬୨ବର୍ଷ କରାଯିବା, ବର୍ଷକୁ ୨ଥର ଶାଢୀ ଓ ଆପ୍ରୋନ ପ୍ରଦାନ କରାଯିବା, ପ୍ରତ୍ୟେକ ବିଦ୍ୟାଳୟକୁ ଜାଳେଣି ପାଇଁ ଉଜ୍ଜ୍ୱଳା ଜାଳେଣି ଗ୍ୟାସ ଯୋଗାଇ ଦିଆଯିବା, ପ୍ରତ୍ୟେକ ବିଦ୍ୟାଳୟରେ ପାନୀୟ ଜଳ ଯୋଗାଣ ସହିତ ଆକ୍ୱାଗାର୍ଡ ସଂଯୋଗ କରାଯିବା, ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୃଷ୍ଟିସାର ଯୁକ୍ତ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯିବା, ରାଜ୍ୟ ସରକାର ତାଙ୍କ ଅଂଶ ବାବଦରେ ୪ଶହ ଟଙ୍କା ପ୍ରଦାନ କରିଥିବା ବେଳେ କେନ୍ଦ୍ର ସରକାରଙ୍କ ଅଂଶ ବାବଦକୁ ୬ଶହ ଟଙ୍କା ବକେୟା ପ୍ରଦାନ କରାଯିବା, ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପାଚିକା ଓ ସହାୟିକାମାନଙ୍କ ବକେୟା ଅର୍ଥ ତୁରନ୍ତ ପ୍ରଦାନ କରାଯିବା ଓ ରୋଷେଇ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରକ୍ଷାଗୃହ ଓ ଖାଦ୍ୟ ଖାଇବା ପାଇଁ ଉପଯୁକ୍ତ ପକ୍କା କରିଡର ନିର୍ମାଣ କରାଯିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି। ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ଜିଲ୍ଲା କମିଟି ପକ୍ଷରୁ ସଭାପତି ସ୍ନେହଲତା ଗାହାଣ, ସମ୍ପାଦିକା ନିର୍ମଳା ସିଂହ, ଜଗତଜୀବନ ଦାଶ, ପ୍ରମିଳା ବିଶ୍ୱାଳ, ସଞ୍ଜୁଲତା ଦାସ, କୁମୁଦିନୀ ସେନାପତି, ଅମିତା ପାତ୍ର, ସ୍ୱର୍ଣ୍ଣପ୍ରଭା ମଣ୍ଡଳ, ରଞ୍ଜୁଲତା ଖଣ୍ଡୁଆଳ, ମାଧବ ଦାସ, ଅଜିତ ପରିଡା, ନୃସିଂହ ତରାଇ, ପରମେଶ୍ୱର ସୁତାର, ଅଶୋକ ନାଥ, ରମେଶ ମଲିକ, ବିଜୟ ସାହୁ, ନିରାକାର ସାହୁ, ବିନୟ ମଲିକ, ଅକ୍ଷୟ ତରାଇ, ମହେଶ୍ୱର ପରିଡା, ଧୀବର ବେହେରା, ଧନେଶ୍ୱର ରାଉତ ପ୍ରମୁଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ଓଡିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟସ୍ତରୀୟ ଆଦିବାସୀ ଯୁବ ସର୍ବୋଦୟ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଉରକେଲା (ପିଏନ୍): ଓଡିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେପ୍ଟେମ୍ବର ୨୩ ତାରିଖ ଠାରୁ ସୁନ୍ଦରଗଡ ଜିଲ୍ଲାର କଲୁଙ୍ଗାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଯୁବ ସର୍ବୋଦୟ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ଆଦିବାସୀ ଯୁବକମାନଙ୍କ ଭୂମିକାକୁ ନେଇ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆଦିବାସୀ ଯୁବକ, ଯୁବତୀମାନେ ଯୋଗ ଦେଇ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ଦେଇଥିଲେ ଅଖିଳ ଭାରତୀୟ କଂଗ୍ରେସ କମିଟିର ପ୍ରଶିକ୍ଷଣ ପ୍ରଭାରୀ ସଚ୍ଚିନ ରାଓ, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଶିକ୍ଷଣ ପ୍ରଭାରୀ ସୀତାରାମ ଲାମ୍ବା ଏବଂ ଯୁବ କଂଗ୍ରେସର ପ୍ରଶିକ୍ଷଣ ଟିମ୍ ସଦସ୍ୟମାନେ। ଆଦିବାସୀମାନଙ୍କ ଭୂମିକା, ହକ୍ ଏବଂ ବିଭିନ୍ନ ସମସ୍ୟାକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ପ୍ରଶିକ୍ଷଣ ଦେଇଥିଲେ ସଚ୍ଚିନ ରାଓ ଯାହା ଆଦିବାସୀମାନଙ୍କ ଭୂମିକା ଓ ହକ୍ ଉପରେ ପର୍ଯ୍ୟବେକ୍ଷିତ ଥିଲା। ଦ୍ୱିତୀୟ ଦିବସରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଭାରୀ କ୍ରିଷ୍ଣା ଆଲ୍ଲାବାରୁ ପହଞ୍ଚି ଆଦିବାସୀ ଯୁବକ-ଯୁବତୀଙ୍କୁ ଶିକ୍ଷାର ପ୍ରସାର, କଂଗ୍ରେସର ଭୂମିକା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତୃତୀୟ ଦିବସରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ ପହଞ୍ଚି ପ୍ରଶିକ୍ଷଣ ଶିବିରରେ ଆଦିବାସୀ ଯୁବକ, ଯୁବତୀମାନଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରତ୍ୟେକ ଦିନ ପ୍ରଶିକ୍ଷଣ ଶିବିର ସହ ଶ୍ରମଦାନ, ସାଂସ୍କୃତିକ କାର୍ଯ୍ୟ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷଣ ଶିବିରକୁ ଆସିଥିବା ଆଦିବାସୀ ଯୁବକ-ଯୁବତୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ପରେ ଓଡିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ସମସ୍ତ ପଦାଧିକାରୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି, ଜିଲ୍ଲା ଯୁବ କଂଗ୍ରେସ ପଦାଧିକାରୀ, ବିଧାନସଭା ଯୁବ କଂଗ୍ରେସ ସଭାପତିମାନେ ଯୋଗଦାନ କରିଥିଲେ। ଯୁବ କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁବ ମାରଣ ନୀତି - ବେରୋଜଗାରୀ, ମହଙ୍ଗା ମାଡରେ ଥିବା ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଦରବୃଦ୍ଧି ସମସ୍ୟାକୁ ନେଇ ରାଜ୍ୟବ୍ୟାପି କାର୍ଯ୍ୟକ୍ରମର ଖସଡା ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକାରିଣି ବୈଠକରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସମ୍ପାଦକ ବିଶ୍ୱରନ ମହାଁ, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଭାରୀ କ୍ରିଷ୍ଣଆ ଆଲ୍ଲାବରୁ, ଅଖିଳ ଭାରତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ, ଓଡିଶା ଯୁବ କଂଗ୍ରେସ ପ୍ରଭାରୀ ପ୍ରତିଭା ରଘୁବଂଶୀ, ସହ-ପ୍ରଭାରୀ ରିୟାଜୁଲ ଅନସାରୀ, ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ, ବିଧାୟକ ରାଜନ ଏକ୍କା ଏବଂ ବହୁ ପ୍ରମୁଖ ନେତୃବୃନ୍ଦ ଯୋଗ ଦାନ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ତାଳଚେର ଦେଉଳବେଢ଼ା ତେଲିସାହି ଠାରେ ସାମାଜିକ ପ୍ରକଳ୍ପ ଗୁଡିକର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ



ଅନୁଗୋଳ/ତାଳଚେର, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲା ତାଳେଚର ଦେଉଳବେଢ଼ା ତେଲିସାହି ଗ୍ରାମରେ ଏକ କଲ୍ୟାଣ ମଣ୍ଡପ, ଗ୍ରାମର ସୁସଜ୍ଜିତ ମୁଖ୍ୟ ତୋରଣ ଏବଂ ନାଚ ମଣ୍ଡପର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟବରାଦରେ ଉଦଘାଟିତ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକ ଗାଁରେ ବାହାଘର, ବ୍ରତଘର ଭଳି ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗର ଭୂମିକା ଗ୍ରହଣ କରିବ । ଗ୍ରାମବାସୀମାନେ ଏହି ସବୁ ବ୍ୟବସ୍ଥା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ । ଗାଁର ଜନସାଧାରଣ ବିଶେଷ ଭାବରେ ଯୁବବନ୍ଧୁଙ୍କ ଉତ୍ସାହ କାରଣରୁ ଏହି କାମ ସମ୍ଭବ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଓ ବିକାଶର କଳ୍ପନାରେ ଏହି ସବୁ ସାମାଜିକ କାର୍ଯ୍ୟରେ ସହଯୋଗୀ ହୋଇଥିବାରୁ ଶ୍ରୀ ପ୍ରଧାନ ଏମସିଏଲକୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ଆଜି ଆମ ଜିଲ୍ଲା ଅନୁଗୋଳ ପାଇଁ ଏକ ବିଶେଷ ଦିନ । ଜିଲ୍ଲାରେ ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବା ପାଇଁ ଅନୁଗୋଳରେ ଆଇଆଇଏମ ମୁମ୍ବାଇ ଓ ଆଇଆଇଏମ ସମ୍ବଲପୁର ଦ୍ୱାରା ପରିଚାଳିତ ହେବାକୁ ଥିବା ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ରର ଉଦଘାଟନ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଭବନ ସହ ସ୍କିଲ ଇଣ୍ଡିଆ ସେଣ୍ଟର, ଜନ ଶିକ୍ଷଣ ସଂସ୍ଥାନର ଲୋକାର୍ପଣ ଭଳି କାର୍ଯ୍ୟକ୍ରମ ଗୁଡିକ ଜିଲ୍ଲାକୁ ଗୁଣାତ୍ମକ ଶିକ୍ଷା, ମ୍ୟାନେଜମେଣ୍ଟ ଏବଂ ଦକ୍ଷତା କ୍ଷେତ୍ରରେ ଅଗ୍ରଣୀ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି , ଏନ ଏସ ଆଇ ସି ଡାଇରେକ୍ଟର କାଳନ୍ଦି ସାମଲ,ଏମ୍ସିଏଲ ଲିଙ୍ଗରାଜ କ୍ଷେତ୍ରର ଜିଏମ ସୁବ୍ରତ ବିଶ୍ୱାଳ, ଜଗନ୍ନାଥ ଜିଏମ ଅଶୋକ କୁମାର ଧଳ, ଏମ୍ସିଏଲ ର ସମସ୍ତ ଅଧିକାରୀ ଙ୍କ ସମେତ ସମସ୍ତ ଗ୍ରାମବାସୀ ,ଗ୍ରାମ ସଭାପତି ନବ କିଶୋର ସାହୁ, ଉପ ସଭାପତି ଶଙ୍କର୍ଷଣ ବେହେରା, ବାବୁଲା ପୃଷ୍ଟି,ପ୍ରାକ୍ତନ ଉପ ନଗରପାଳ ସୁଫଳା ପୃଷ୍ଟି, କାର୍ତ୍ତିକେଶ୍ୱର ସାହୁ,ତୁଷାର କୁମାର ସାହୁ,ବନିତା ସାହୁ, ପ୍ରଦୀପ କୁମାର ସାହୁ, ଯଯାତି ପଟ୍ଟନାୟକ, ପର୍ଶୁରାମ ବାରିକ, ମନୋଜ ପ୍ରଧାନ, ବିଭୁତି ସାହୁ, ବିରଞ୍ଚି ସାହୁ, ମିଲ୍ଲୀ ପ୍ରଧାନ, ସ୍ୱାଧୀନ ଅମ୍ବ, ଅନିତା ବିଶ୍ୱାଳ, କାଳନ୍ଦି ପ୍ରଧାନ, ପ୍ରଶାନ୍ତ ନନ୍ଦ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଯୋଗ ଦେଇଥିଲେ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି । ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ । କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି । ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗଡିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି-ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି-ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି । ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ ।

# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢ଼ୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ । ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି ।

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।




2025-2026



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Thursday February 13 ଭୁବନେଶ୍ୱର ଗୁରୁବାର, ଫେବୃଆରୀ ୧୩,୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ସମଗ୍ର ଦେଶରେ ପ୍ରଥମ : ଦଶମ ଓ ଦ୍ୱାଦଶରେ କିସ୍‌ରୁ ରେକର୍ଡ଼ ସଂଖ୍ୟକ ପରୀକ୍ଷାର୍ଥୀ




ଭୁବନେଶ୍ୱର, (ପି.ଏନ): ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷାରେ କିସ୍‌ରୁ ରେକର୍ଡ଼ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। କିସ୍‌ର ୨୦୦୦ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ବେଳେ ୧୯୦୦ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେବେ। ଉଭୟ ଦଶମ ଓ +୨ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୬୦% ହେଉଛନ୍ତି ଛାତ୍ରୀ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପରୀକ୍ଷାର ଅବ୍ୟବହିତ ପୂର୍ବରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ସମ୍ପର୍କିତ ଆବଶ୍ୟକ ପରାମର୍ଶ ଦେବା ସହ ସେମାନଙ୍କୁ କଲମ ବଣ୍ଟନ କରିଥିଲେ। ଏହି ଅବସରରେ ସେ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସଫଳତା କାମନା କରିଥିଲେ। ଦଶମ ଶ୍ରେଣୀ ପିଲାଙ୍କ ପାଇଁ ୟୁନିଟ୍-୮ ଓ ନିଳାଦ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଆଇଆରସି ଭିଲେଜସ୍ଥିତ ସରକାରୀ ହାଇସ୍କୁଲ ଓ ଚନ୍ଦ୍ରଶେଖରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରୀକ୍ଷା କେନ୍ଦ୍ର ହୋଇଛି। ସେହିପରି +୨ ପରୀକ୍ଷାର୍ଥିଙ୍କ ନିମନ୍ତେ ରାଜଧାନୀ କଲେଜ ଓ ମହର୍ଷି କଲେଜ ଅଫ୍ ନାଚୁରାଲ୍ ଲ ପରୀକ୍ଷା କେନ୍ଦ୍ର ହୋଇଛି। ଆସନ୍ତା ୨୧ ତାରିଖରୁ ଦଶମ ବୋର୍ଡ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ୧୮ ତାରିଖରୁ +୨ ପରୀକ୍ଷା ଆରମ୍ଭ ହେଉଛି। ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ କିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପିଲାମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା ପାଇଁ ୫୦ଟି ଲେଖାଏଁ ବସର ବ୍ୟବସ୍ଥା କରାଯାଇଛି।

## ମୁମ୍ବାଇରେ ଟ୍ରେନ ଧକ୍କାରେ ଗଜପତିର ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ, ସରକାରୀ ସାହାର୍ଯ୍ୟ ପାଇଁ ନିବେଦନ

ପାରଳାଖେମୁଣ୍ଡି, (ପି.ଏନ): ମୁମ୍ବାଇ ଯାଇ ଶ୍ରମିକ ଭାବେ ଖଟୁଥିବା ଗଜପତି ଜିଲାର ଜଣେ ଶ୍ରମିକ ଟ୍ରେନ ଧକ୍କାରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି. ଖବରପାଇ ଗ୍ରାମବାସୀମାନେ ଚାନ୍ଦା ଆଦାୟ କରି ଶବ ଆଣିବା ପାଇଁ ମୁମ୍ବାଇ ଯାଇଛନ୍ତି. ମୃତ ଶ୍ରମିକର ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସାହାର୍ଯ୍ୟ ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି. ଘଟଣାରୁ ପ୍ରକାଶ ଏହି ଜିଲ୍ଲାର ଅଡବା ଥାନା ଅନ୍ତର୍ଗତ ତଳ ଦାମାଦୁଆ ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ମୁମ୍ବାଇରେ ଟ୍ରେନ ଧକ୍କାରେ ମୃତ୍ୟୁ ହୋଇଛି। ସେ ହେଲେ ଫିରୋଜ ମଳିକ। ଘରେ ଅଭାବ ଅନଟନ ଲାଗି ରହିଥ ?ିବାରୁ ଫିରୋଜ ଘରେ ସ୍ତ୍ରୀ, ବୁଢ଼ୀ ମା,' ଓ ପିଲାଙ୍କୁ ଛାଡି ଦାଦନ ଖଟିବାକୁ ଗତ ଜାନୁୟାରୀ ୬ରେ ମୁମ୍ବାଇ ଯାଇଥିଲେ। ସୋମବାର ୧୦ ତାରିଖରେ ସେଠାରେ ଏକ ଟ୍ରେନ ଧକ୍କାରେ ଫିରୋଜଙ୍କ ମୃତ୍ୟୁ ହୋଇଥିବା ମୁମ୍ବାଇ ପୋଲିସ ଫୋନ କରି ପରିବାରଲୋକଙ୍କୁ ଜଣାଇଛି।

# କୋଲନରା ପଞ୍ଚାୟତ ସମିତି ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ଭୁବନେଶ୍ୱର,(ପି.ଏନ): କୋଲନରା ପଞ୍ଚାୟତ ସମିତି ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଅଛି। ଏଥିରେ ବ୍ଲକ ର ବିଭିନ୍ନ ଗ୍ରାମର ୧୯୬ ଜଣ ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ। ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ବିଶେଷଜ୍ଞ ଡାକ୍ତର ଦଳ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ୨୨ ଜଣ ଦୃଷ୍ଟିଶକ୍ତି ବାଧିତ, ୫୧ ଜଣ କର୍ଣ୍ଣ, ନାସା ଓ ଗଳା ଶକ୍ତି ବାଧିତ, ୭୭ ଜଣ ଶାରୀରିକ ବାଧିତ, ୧୯ ଜଣ ମାନସିକ ଭିନ୍ନକ୍ଷମ, ୧୮ ଜଣ ସିପି, ଓ ୯ ଜଣ ରକ୍ତ ହୀନତା ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଅବସରରେ ୪ ଜଣଙ୍କୁ ଚକ ଲଗା ଚଉକି, ୧ ଜଣଙ୍କୁ ଆଶା ବାଡି ଓ ୨ ଜଣଙ୍କୁ ଚାଲିବା ବାଡି ପ୍ରଦାନ କରାଗଲା। ବିଡିଓ ରିନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହି, ଭାର ପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ପ୍ରଭାତ କୁମାର ଶବର, ରାଜ ଶେଖର ପେଦିନା, ବିଭାଗୀୟ ଅଧିକାରୀ, ହିସାବ ଅଧିକାରୀ, ଗ୍ରା.ପ. ସମ୍ପ୍ରସାରଣ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଯୋଗାଣ ଅଧିକାରୀ, ଅମରେନ୍ଦ୍ର ନାଥ ସମ୍ପାଦକ, ରାୟଗଡ଼ା ଭିନ୍ନକ୍ଷମ ମହାସଂଘ, ସନ୍ତୋଷ ମହାପାତ୍ର ସଭାପତି କୋଲନରା ବ୍ଲକ ଭିନ୍ନକ୍ଷମ ମହାସଂଘ ଏବଂ ଅନ୍ୟାନ୍ୟ ବ୍ଲକ ଓ ଗ୍ରାମ ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ।

# ଜୀବନୀ ପୁସ୍ତକ ଡିଅର୍ ଡିଆର୍ ଉନ୍ମୋଚିତ




ଭୁବନେଶ୍ୱର,(ପି.ଏନ): ପ୍ରତ୍ୟେକ ସଫଳ ବ୍ୟକ୍ତି ପଛରେ ବଡ ସଂଘର୍ଷ ଲୁଚି ରହିଛି। ଯାହା ବାହାରକୁ ସହଜରେ ଦେଖା ଯାଏ ନାହିଁ। ସଫଳ ଉଦ୍‌ଯୋଗପତି ଦୀପ୍ତିରଂଜନ ପଟ୍ଟନାୟକଙ୍କ ପଛରେ ମଧ୍ୟ ବଡ ସଂଘର୍ଷ ଭରା କାହାଣୀ ଲୁଚି ରହିଛି। ତାଙ୍କର ନିରନ୍ତର ସଂଘର୍ଷ, କର୍ତ୍ତବ୍ୟ ନିଷ୍ଠା, ପ୍ରତିଶ୍ରୁତିବଦ୍ଧତା ଆଜି ତାଙ୍କୁ ସଫଳତାର ଶିଖରରେ ପହଞ୍ଚାଇଛି। ବିବାହ ପରେ ତାଙ୍କ ସଂଘର୍ଷର ପୂର୍ଣ୍ଣଚ୍ଛେଦ ପଡିଥିଲା। ସେ ଜୀବନରେ ଅନେକ ଠକାମିର ଶିକାର ହୋଇଛନ୍ତି। ହେଲେ ନିଜେ କେବେ କାହାକୁ ଠକିବାକୁ ଚେଷ୍ଟା କରିନାହାନ୍ତି। ତାଙ୍କରି ତ୍ୟାଗ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠା ହୋଇ ପାରିଛି। ତାଙ୍କ ଭଳି ଜଣେ ଦରଦୀ ଉଦ୍‌ଯୋଗପତିଙ୍କ ଜୀବନୀ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହେବ। ଆଜି ହୋଟେଲ୍ ମେଫେୟାର କନ୍‌ଭେନସନ୍‌ରେ ତ୍ରିବେଣୀ ଆର୍ଥମୁଭର୍ସ ପକ୍ଷରୁ ଆୟୋଜିତ ଉଦ୍‌ଯୋଗପତି ଦୀପ୍ତିରଂଜନ ପଟ୍ଟନାୟକଙ୍କ ଜୀବନୀ 'ଡିଅର୍ ଡି.ଆର୍.-ଝରଣାରୁ ନଦୀ ହେବାର କାହାଣୀ' ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି 'କିଟ୍ ଓ କିସ୍'ର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ଡ. ଅଚ୍ୟୁତ ସାମନ୍ତ। ବିଶିଷ୍ଟ ଲେଖକ ଦାଶ ବେନହୁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଯୋଗଦେଇ କହିଲେ, ଡିଆର୍ ପଟ୍ଟନାୟକ ଜଣେ ଆଦର୍ଶ ପୁରୁଷ ଓ ପ୍ରତିଶ୍ରୁତିକୁ ପାଳନ କରୁଥିବା ଭଲ ମଣିଷ। ମୂଲ୍ୟବୋଧ ଜୀବନ ବଞ୍ଚିବାକୁ ଚାହୁଁଥିବା ବ୍ୟକ୍ତି ପ୍ରତାରଣାର ଶିକାର ହୁଏ। ସେ ମଧ୍ୟ ପ୍ରତାରଣାର ଶିକାର ହୋଇଛନ୍ତି। ହେଲେ କ୍ଷମାଶୀଳ ହୋଇ ଆଗକୁ ଆଗକୁ ବଢ଼ି ଚାଲିଛନ୍ତି। ତାଙ୍କ ଜୀବନୀକୁ ଲେଖିଥିବା ଡ. ସଞ୍ଜୟ ହାତୀ ନିରପେକ୍ଷ ଭାବେ ଜୀବନୀକୁ ଅନୁଶୀଳନ କରିଛନ୍ତି।ପ୍ରିୟ ଅତିଥି ଭାବେ ବିପିୟୁଟିର ପୂର୍ବତନ କୁଳପତି ଓଁକାରନାଥ ମହାନ୍ତି ଯୋଗଦେଇ କହିଲେ, ରାଉରକେଲା ବିକାଶରେ ଡିଆର୍‌ଙ୍କ ବଡ ଭୂମିକା ରହିଛି। ଡିଆର୍‌ଙ୍କ ଜୀବନ ଇନ୍ଦ୍ରଧନୁ ସଦୃଶ୍ୟ। ସେ ଅସଂଖ୍ୟ ବ୍ୟକ୍ତିଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ତାଙ୍କ ଜୀବନୀ ଜନସମାଜକୁ ଦିଗଦର୍ଶନ ଦେବ। ଆତ୍ମଜୀବନୀର ଲେଖକ ଡ. ସଞ୍ଜୟ ହାତୀ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରି କହିଲେ, ପ୍ରିୟର ଡିଆର୍‌ଙ୍କୁ ବୁଝିବା ଥିଲା ମୋ ପାଇଁ ବଡ କଥା। ଜଣେ ସଫଳ ବ୍ୟକ୍ତିଙ୍କ ପଛରେ ଏତେ ଯେ ଦରଦୀ କାହାଣୀ ଲୁଚି ରହିଥାଏ ତାହା ଜାଣି ସ୍ତମ୍ଭୀଭୂତ ହୋଇଥିଲି। କେବଳ ଏତିକି କୁହାଯାଇ ପାରେ, ତାଙ୍କର କର୍ମପ୍ରବଣତା ତାଙ୍କୁ ଦିଲୁରୁ ଡିଅର୍ ଡିଆର୍ କରିଛି। ଯାହା ଯୁବବର୍ଗଙ୍କ ପାଇଁ ବେଶ୍ ପ୍ରେରଣାଦାୟୀ। ଶ୍ରୀ ପଟ୍ଟନାୟକ ନିଜ ଅନୁଭୂତିକୁ କହିବା ବେଳେ ଭାବବିହ୍ୱଳ ହୋଇ ଯାଇଥିଲେ। ସେ କହିଲେ, ମୁଁ ନିଜକୁ କେବେ ମହାପୁରୁଷ ବୋଲି ଭାବିନି। ଈଶ୍ୱରଙ୍କ ଆଶୀର୍ବାଦରୁ ବହୁତ କିଛି ପାଇଛି। ଯେଉଁ ଋଣ କେବେ ସୁଝି ପାରିବିନି। ସମାଜ ପାଇଁ ଆଉ ଅଧିକ କିଛି କରିପାରିଲେ ଜୀବନ ଧନ୍ୟ ହେବ। ମୋ ଜୀବନ କାଳ ଭିତରେ ଅନେକ ସଂଘର୍ଷ କରିଛି। ଠକାମିର ଶିକାର ହେଇଛି। ମୋର ଠାକୁରଙ୍କ ପାଖରେ ନିବେଦନ, ମୋତେ ଈଶ୍ୱର ଏମିତି ସହାୟ ହୁଅନ୍ତୁ, ମୋତେ କେହି ଠକି ନିଅନ୍ତୁ ପଛେ ମୁଁ କାହାକୁ ଯେମିତି ନ ଠକେ ଏତିକି କୃପା କରନ୍ତୁ। ରାଜେନ୍ଦ୍ର ନାରାୟଣ ଦାସଙ୍କ ପ୍ରେରଣାରେ ମୁଁ ଜୀବନୀ ଲେଖିବାକୁ ବାଧ୍ୟ ହୋଇଥିଲି ଏବଂ ଡ. ସଞ୍ଜୟ ହାତୀଙ୍କ ସହଯୋଗରେ ଏହାକୁ ଶେଷ କରିବାକୁ ୩ ବର୍ଷ ଲାଗିଛି ବୋଲି ସେ କହିଥିଲେ। ସଭାପତିତ୍ୱ ଭାଷଣରେ ଦାଶ ବେନହୁର କହିଲେ, ଆତ୍ମଜୀବନୀ ସାମାଜିକ ଇତିହାସର ପୃଷ୍ଠା। ପ୍ରତ୍ୟେକ ସଫଳ ବ୍ୟକ୍ତି ଡିଆର୍‌ଙ୍କ ଭଳି ଜୀବନୀ ଲେଖିବା ଦରକାର। ଯାହା ହାରି ଯାଉଥିବା ମଣିଷକୁ ପ୍ରେରଣା ଦେବ। ତ୍ରିବେଣୀ ଆର୍ଥମୁଭର୍ସର ଏମ୍‌ଡି ବି. ପ୍ରଭାକରନ୍ ଧନ୍ୟବାଦ ଦେବା ସହ ଡିଆର୍ ?ଙ୍କ ସହ ୨୬ ବର୍ଷର ବନ୍ଧୁତା ସମ୍ପର୍କରେ ଅନେକ ଅଜଣା କଥା କହିଥିଲେ। ଆର୍‌ଜେ କେପି ଓ ଆର୍‌ଜି ଗୁଡି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କଣ୍ଠଶିଳ୍ପୀ ଗୁରୁ ସଙ୍ଗୀତା ପଣ୍ଡା 'ଜୀବନ ପାତ୍ର ମୋ ଭରିଛ କେତେ' ସଙ୍ଗୀତ ଗାନ କରିଥିଲେ। ଏହି ଉତ୍ସବରେ ଲେଖକ ରାଜେନ୍ଦ୍ର ନାରାୟଣ ଦାସଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଏହି ଅବସରରେ ଶ୍ରୀ ପଟ୍ଟନାୟକ ପତ୍ନୀ ଇନ୍ଦ୍ରାଣୀ ପଟ୍ଟନାୟକଙ୍କୁ ନିଜ ଜୀବନୀ ପୁସ୍ତକ ଉପହାର ଦେଇଥିଲେ।

# ରାୟଗଡ଼ାରେ 'ସେଫର ଇଣ୍ଟରନେଟ୍ ଡେ' ଉପଲକ୍ଷେ ସାଇବର ସୁରକ୍ଷା ସଜାଗତା କାର୍ଯ୍ୟକ୍ରମ ଆୟୋଜିତ



ରାୟଗଡ଼ା, (ପି.ଏନ): 'ଏକ ଉତ୍ତମ ଇଣ୍ଟରନେଟ୍ ପାଇଁ ଏକସାଥି ଚେଷ୍ଟା' ଥିମ୍ ସହ ସେଫର ଇଣ୍ଟରନେଟ୍ ଡେ ଉପଲକ୍ଷେ ରାୟଗଡ଼ା ଜିଲ୍ଲାରେ ସାଇବର ସୁରକ୍ଷା ଓ ଦାୟିତ୍ୱପୂର୍ଣ୍ଣ ଇଣ୍ଟରନେଟ୍ ବ୍ୟବହାର ସମ୍ବନ୍ଧୀୟ ସଜାଗତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଗୁଡ଼ିକୁ ଶ୍ରୀ ଗୁଣଶେଖର ନେଥେତି, ଯୁଗ୍ମ ନିର୍ଦ୍ଦେଶକ (IT) ଏବଂ DIO, NIC, ରାୟଗଡ଼, ଶ୍ରୀ ନବୀନ, ADIO, NIC, ରାୟଗଡ଼ ଏବଂ ନରେନ୍ଦ୍ର ସାସମଲ, ଜିଲ୍ଲା ସଂଯୋଜକ, ଉଗଏଓ, ରାୟଗଡ଼ା ନେତୃତ୍ୱ ଦେଇଥିଲେ। ପ୍ରଭାତ କାର୍ଯ୍ୟକ୍ରମ ଅନ୍ତର୍ଗତ, ରାୟଗଡ଼ ଅଟୋନୋମସ୍ କଲେଜ୍ ର ଅଧ୍ୟାପକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରୀମତୀ ବବିତା ସରାଫ, ପ୍ରିନସିପାଲ, ରାୟଗଡ଼ ଅଟୋନୋମସ୍ କଲେଜ୍ ଙ୍କ ଉପସ୍ଥିତିରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସେଠି ଇଣ୍ଟରନେଟ୍ ର ଲାଭ ଏବଂ ଅସୁବିଧା, ସାଇବର ଥ୍ରେଟ୍ସ ଏବଂ ବିପଦ, ସାଧାରଣ ଅନଲାଇନ୍ ଠକେଇ, ଆର୍ଥିକ ଧୋକା, ମୋବାଇଲ୍ ଆପ୍ଲିକେସନ୍ ସୁରକ୍ଷା, ଏବଂ ସୁରକ୍ଷିତ ଇଣ୍ଟରନେଟ ବ୍ୟବହାର ପାଇଁ ଉପାୟ ବିଷୟରେ ଆଲୋଚନା ହୋଇଥିଲା। ସନ୍ଧ୍ୟା ସମୟରେ, ଶ୍ରୀ ନବୀନ ଚନ୍ଦ୍ର ନାଏକ, OAS (SAG), ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ବିଭିନ୍ନ ବିଭାଗର କର୍ମଚାରୀଙ୍କ ପାଇଁ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା, ଯେଉଁଠି ସରକାରୀ କାର୍ଯ୍ୟକ୍ଷେତ୍ରରେ ସାଇବର ହାଇଜିନ୍ ଏବଂ ସୁରକ୍ଷିତ ଅନଲାଇନ୍ ପ୍ରକ୍ରିୟା ବିଷୟରେ ଚର୍ଚ୍ଚା କରାଗଲା।ପ୍ରାୟ ୧୭୦ ଅଂଶଗ୍ରାହୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କଲେ। ଶ୍ରୀ ଗୁଣଶେଖର ନେଥେତି ଏହି ସଭାରେ ସାଇବର ହାଇଜିନ୍ ର ଗୁରୁତ୍ୱ ବ୍ୟାଖ୍ୟା କରି ନିଜକୁ ସୁରକ୍ଷିତ ରଖିବା ସହ ମିତ୍ର, ପରିବାର, ଏବଂ ସମାଜକୁ ମଧ୍ୟ ନିରାପଦ ଇଣ୍ଟରନେଟ୍ ବ୍ୟବହାର ଉପରେ ସଚେତନ କରିବାକୁ ପରାମର୍ଶ ଦେଲେ।ଏହି ପ୍ରୟାସଗୁଡ଼ିକ ସାଇବର ସୁରକ୍ଷା ଉପରେ ସଚେତନତା ବୃଦ୍ଧି କରି ଏକ ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ୍ ପରିବେଶ ଗଠନରେ ଅଗ୍ରସର ହେବାକୁ ଉଦ୍ଦିପିତ କରେ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray